
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୨୨ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 JUNE 2022
Vol.No. 35 ■ No. 161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର
ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର
ରଙ୍ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ସଙ୍କଟରେ ମହାରାଷ୍ଟ୍ରର ମହାମେଣ୍ଟ ସରକାର

### ଶିବସେନାର ୨୦ରୁ ଅଧିକ ବିଧାୟକ ଗୁଜୁରାଟରେ ଏକାଠି ହେବା ପରେ ଜୋର ଧରିଲା ଚର୍ଚ୍ଚା



ନୂଆଦିଲ୍ଲୀ, ୨୧/୦୬ : ମହାରାଷ୍ଟ୍ର ରାଜନୀତି ହଙ୍ଗାମା ସାରା ଦେଶରେ ବଡ ଚର୍ଚ୍ଚାର ବିଷୟ ପାଲଟିଛି । ବିଧାନ ପରିଷଦ ନିର୍ବାଚନ ବିଜୟ ପରେ ରାଜ୍ୟରେ ଶାସକ ଦଳର ପ୍ରମୁଖ ନେତା ଏକନାଥ ସିନ୍ଦେ ଏବଂ ଆଉ କିଛି ବିଧାୟକ ଏବେ ସୁରତରେ ଅଛନ୍ତି । ଆଉ ଏହି ବିଧାୟକ ସରକାର ଭାଙ୍ଗିବାରେ ଗୋଟିଏ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି । ଅନ୍ୟପଟେ ଏହି ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶିବସେନା ଚିନ୍ତା କରୁଥିବା କୁହାଯାଉଛି । ଗୁଜରାଟ ସୁରତର ଏକ ହୋଟେଲ ଶିବସେନାର ଏକନାଥ ସିନ୍ଦେଙ୍କ ଭଳି ପ୍ରମୁଖ ନେତାଙ୍କ ସହ କିଛି ବିଧାୟକ ରହିଛନ୍ତି । ଏହି ବିଧାୟକଙ୍କୁ ଭେଟିବାକୁ ଶିବସେନା ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ କିଛି ବିଶ୍ୱସ୍ତ ନେତା ଆସିଛନ୍ତି । କିନ୍ତୁ ତାଙ୍କୁ ଗୁଜରାଟ ପୋଲିସ ଦେଖା କରିବାକୁ ସୁଯୋଗ ଦେଇନଥିବା ଜଣାପଡିଛି । ଏହାପୂର୍ବରୁ କିନ୍ତୁ ଏକନାଥ ସିନ୍ଦେଙ୍କୁ ବିଧାୟକ ଗୋଷ୍ଠୀର ନେତା ପଦରୁ ଉଦ୍ଧବ ହଟାଇ ଦେଇଛନ୍ତି । ଅନ୍ୟପଟେ ଟୁଇଟ୍ କରି ସିନ୍ଦେ କହିଛନ୍ତି ବାଲା ସାହେବ ଠାକରେଙ୍କ ପାଖରୁ ଅନେକ ଶିକ୍ଷା ମିଳିଛି । କ୍ଷମତା ପାଇଁ ଏପରି କିଛି ନିଷ୍ପତି ନେବେ ନାହିଁ । ମହାରାଷ୍ଟ୍ରରେ ବିଧାନ ପରିଷଦ ନିର୍ବାଚନରେ ବିଜେପି ଏକାକୀ ୫ଟି ଆସନରେ ବିଜୟୀ ହେବା ପରେ ଏପରି ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି । ପୂର୍ବରୁ ରାଜ୍ୟସଭା ନିର୍ବାଚନରେ ମଧ ଫଡନାଭିସଙ୍କ ଗୋଟି ଆଗରେ ଫେଲ୍ ମାରିଥିଲା ମେଣ୍ଟ ସରକାର । ଶିବସେନା ବିଧାୟକ ବିଜେପି ଶାସିତ ରାଜ୍ୟ ଗୁଜରାଟର ହୋଟେଲରେ ଅଟକିବା ଏହି ହଟଚମଟ ପଛରେ ବିଜେପିର ଅପରେସନ ଲୋଟସ ବୋଲି କୁହାଯାଉଛି । ଅନ୍ୟପଟେ ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଦିଲ୍ଲୀରେ ଡେରା ପକାଇଥିବା ବେଳେ ବିଜେପି ସଭାପତି ଜେପି ନଡ୍ଡା ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟରେ ବୈଠକ ▶▶ପୃଷ୍ଠା ୭

## ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଓ ଯଶବନ୍ତ ସିହ୍ନା ବିରୋଧି ଦଳର ପ୍ରାର୍ଥୀ



ନୂଆଦିଲ୍ଲୀ, ୨୧/୦୬ : ଦ୍ରୌପଦୀ ମୁର୍ମୁ ହେଲେ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ । ଓଡିଶାର ଆଦିବାସୀ ନେତା ତଥା ଝାଡଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଆଗାମୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ କରିଛି ବିଜେପି ନେତୃତାଧୀନ ଏନଡିଏ ମେଣ୍ଟ । ଏନେଇ ବିଜେପି ଅଧକ୍ଷ ଜେପି ନଡ୍ଡା ପ୍ରେସମିଟ୍ କରି ସୂଚନା ଦେଇଛନ୍ତି । ବିରୋଧୀ ଦଳମାନେ ଯଶଓ୍ୱନ୍ତ ସିହ୍ନାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଆଜି ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟର ବୈଠକ ବସିଥିଲା । ପାର୍ଟି ମୁଖ୍ୟାଳୟରେ ସଂସଦୀୟ ବୋର୍ଡର ସଦସ୍ୟମାନେ ବିଭିନ୍ନ ନାମକୁ ନେଇ ଚର୍ଚ୍ଚା କରିଥିଲେ । ନଡ୍ଡାଙ୍କ କହିବା ମୁତାବକ ପ୍ରାୟ ୨୦ଟି ନାମକୁ ନେଇ ଚର୍ଚ୍ଚା ଆଲୋଚନା ହୋଇଥିଲା । ଆଉ ଶେଷରେ ସଂସଦୀୟ ବୋର୍ଡ ଦ୍ରୌପଦୀ ମୁର୍ମୁଙ୍କ ନାଁରେ ମୋହର ମାରିଥିଲା । ଜାଣି ରଖିବା ଉଚିତ୍ ଯେ, ଦ୍ରୌପଦୀ ମୁର୍ମୁଙ୍କ ଘର ଓଡିଶାର ମୟୂରଭଞ୍ଜ ଜିଲ୍ଲାରେ । ସେ ଦୁଇଥର ବିଧାୟକ ଓ ବିଜେପି-ବିଜେଡି ମିଳିତ ସରକାରରେ ମନ୍ତ୍ରୀ ମଧ ରହିଥିଲେ । ଏହାପରେ ଦୀର୍ଘ ବର୍ଷ ଧରି ସେ ଝାଡଖଣ୍ଡର ରାଜ୍ୟପାଳ ରହିଥିଲେ । ତେଣୁ ଜଣେ ଆଦିବାସୀ ନେତ୍ରୀ ଭାବେ ଏନଡିଏ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଛି । କଂଗ୍ରେସ ସମେତ ବିଭିନ୍ନ ବିରୋଧ ଦଳ ଯଶବନ୍ତ ସିହ୍ନାଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ମିଳିତ ପ୍ରାର୍ଥୀ ଘୋଷଣା କରିଛନ୍ତି । ମଙ୍ଗଳବାର ସଂସଦ ଗୃହ କମ୍ପ୍ଲେକ୍ସରେ ଆୟୋଜିତ ବିରୋଧି ଦଳର ଏକ ବୈଠକରେ ଏହି ନିଷ୍ପତି ନିଆଯାଇଛି । କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯଶବନ୍ତ ସିହ୍ନାଙ୍କ ନାମ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ରାଷ୍ଟ୍ରପତି ନିର୍ବାଚନରେ ଯଶବନ୍ତ ସିହ୍ନା ବିରୋଧି ପ୍ରାର୍ଥୀ ହେବେ ବୋଲି ବିରୋଧି ଦଳ ସର୍ବସମ୍ମତ କ୍ରମେ ନିଷ୍ପତି ନେଇଛନ୍ତି । କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼ଗେ, ଜାତୀୟତାବାଦୀ କଂଗ୍ରେସ ଦଳର ମୁଖ୍ୟ ଶରଦ ପାଓ୍ୱାର, ସିପିଆଇ (ଏମ)ର ସୀତାରାମ ୟେଚୁରୀ, ସିପିଆଇର ଡି. ରାଜା, ସମାଜବାଦୀ ପାର୍ଟିର ପ୍ରଫେସର ରାମଗୋପାଳ ଯାଦବ, ଡିଏମକେର ତ୍ରିଚି ଶିବାଙ୍କ ସମେତ ବିଭିନ୍ନ ବିରୋଧି ଦଳର ନେତାମାନେ ଯୋଗ ଦେଇଛନ୍ତି ।

## ନୂଆପଡାରେ ମାଓବାଦୀଙ୍କ ଗୁଳିରେ ୩ ଯବାନ ସହୀଦ

### ସହୀଦଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ରାଜ୍ୟ ସରକାର



ଭୁବନେଶ୍ୱର, ୨୧/୦୬ (ନି.ପ୍ର): ନୂଆପଡ଼ାର ବୋଡେନ୍ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲରେ ସିଆରପିଏଫ୍ - ମାଓବାଦୀ ଗୁଳି ବିନିମୟରେ ୩ ଯବାନ୍ ସହିଦ ହୋଇଛନ୍ତି । ସହିଦ ଯବାନମାନନେ ହେଲେ ଶିଶୁପାଳ ସିଂହ, ଶିବଲାଲ ଓ ଧର୍ମେନ୍ଦ୍ର କୁମାର ସିଂହ । ଅପରପକ୍ଷରେ ସହିଦ ହୋଇଥିବା ୩ ଜଣ ସିଆରପିଏଫ୍ ଯବାନଙ୍କ ପରିବାରକୁ ରାଜ୍ୟ ସରକାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ପ୍ରତି ସହିଦଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ମିଳିବ । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି । ସିଆରପିଏଫର ଯବାନମାନେ ସହିଦ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସହିଦଙ୍କ ପରିବାର ପ୍ରତି ସମବେଦନା ଜଣାଉଛି । ସୂଚନାଯୋଗ୍ୟ ନୂଆପଡ଼ାର ବୋଡେନ୍ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ସିଆରପିଏଫ୍ ଯବାନଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ସିଆରପିଏଫ୍ ଯବାନମାନେସର୍ଚ୍ଚ ଅପରେସନରେ ବାହାରିଥିଲେ । ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଅତର୍କିତ ଭାବେ ଗୁଳି କରିଥିଲେ । ଯବାନମାନେ ମଧ ପାଲଟା ଜବାବ ଦେଇଥିଲେ । ତେବେ ମାଓବାଦୀଙ୍କ ଗୁଳିରେ ଘଟଣାସ୍ଥଳରେ ୩ ଜଣ ଯବାନ ସହିଦ ହୋଇଥିଲେ । ସହିଦ ଯବାନମାନନେ ହେଲେ ଶିଶୁପାଳ ସିଂହ, ଶିବଲାଲ ଓ ଧର୍ମେନ୍ଦ୍ର କୁମାର ସିଂହ । ସିଆପିଏଫ୍ ଏଏସଆଇ ଶିଶୁପାଳ ସିଂହ ହେଉଛନ୍ତି ଉତ ପ୍ରଦେଶ ନିବାସୀ । ସେହିପରି ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ଅନ୍ତର୍ଗତ ପଇଗା ନିବାସୀ ଏଏସଆଇ ଶିବଲାଲ ମଧ ସହିଦ ହୋଇଛନ୍ତି । କନଷ୍ଟେବଲ୍ ଧର୍ମେନ୍ଦ୍ର କୁମାର ସିଂହ ବିହାରର ରୋହତାସ ଜିଲ୍ଲା ଦନଓ୍ୱାର ଥାନା ଅନ୍ତର୍ଗତ ସରଭା ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି । ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଟୁଇଟ୍ କରି ସୂଚନା ଦେଇଛନ୍ତି ଯେ ନୂଆପଡା ଏସପି ଓ ସିଆରପିଏଫ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚିଛନ୍ତି । ସମ୍ପୃକ୍ତ ଅଂଚଳରେ କୋମ୍ବିଂ ଅପରେସନ୍ କୁ ଆହୁରି ଜୋରଦାର କରାଯାଇଛି । ଏସଓଜି ଓ ସିଆରପିଏଫ୍ ର ଅଧିକ ଟିମ୍ ସେଠାକୁ ପଠାଯାଇଛି । ସହିଦଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ।

## ଏକେ-୪୭ ମାମଲାରେ ବାହୁବଳୀ ବିଧାୟକ ଅନନ୍ତ ସିଂହଙ୍କୁ ୧୦ବର୍ଷର କାରାଦଣ୍ଡ

ପାଟନା, ୨୧/୦୬ (ନି.ପ୍ର): ଏକେ-୪୭ ଏବଂ ହ୍ୟାଣ୍ଡ ଗ୍ରେନେଡ ମାମଲାରେ ରାଜଦର ବାହୁବଳୀ ବିଦାୟକ ଅନନ୍ତ ସିଂହଙ୍କୁ ମଙ୍ଗଳବାର ଦିନ ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ୧୦ବର୍ଷର ସଜା ଶୁଣାଇଛନ୍ତି । ଗତ ଶୁଣାଣୀରେ କୋର୍ଟ ମୌକାମାର ବାହୁବଳୀ ବିଧାୟକ ଅନନ୍ତ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଅନନ୍ତ ସିଂହଙ୍କ ଘରୁ ଏକେ ୪୭ ଏବଂ ହ୍ୟାଣ୍ଡ ଗ୍ରେନେଟ ମିଳିବା ମାମଲାରେ ପାଟଣାର ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ଅନନ୍ତ ସିଂହଙ୍କୁ ଦୋଷୀ ଫୈସଲାକୁ ସୁରକ୍ଷିତ ରଖିଥିଲେ ଯାହାକୁ ଆଜି ଶୁଣାଇଯାଇଛି ।

## କୌଣସି ପରିସ୍ଥିତିରେ ପ୍ରତ୍ୟାହାର ହେବନି ଅଗ୍ନିପଥ ଯୋଜନା



ନୂଆଦିଲ୍ଲୀ, ୨୧/୦୬ : ପରିବର୍ତ୍ତନ ଆସିଲେ, ମନରେ ଭୟ ରହିବା ସ୍ୱାଭାବିକ । ଅଗ୍ନିପଥ ଯୋଜନାରେ ଅଗ୍ନିବୀରଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ସୁରକ୍ଷିତ । ଏଏନଆଇକୁ ଏକ ସାକ୍ଷାତକାର ଦେବା ଅବସରରେ ଏପରି କଥା କହିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ । ସେ କହିଛନ୍ତି, ଦିନକୁ ଦିନ ଭାରତର ଆଖପାଖ ପରିସ୍ଥିତି ବଦଳୁଛି ଏବଂ ନୂଆ ନୂଆ ଚ୍ୟାଲେଞ୍ଜ ସାମ୍ନାକୁ ଆସୁଛି । ତେଣୁ ଏଭଳି ସ୍ଥିତିରେ ପରିବର୍ତନ ନିହାତି ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ସୁରକ୍ଷାକୁ ପ୍ରାଥମିକତା ଦେଇଆସିଛନ୍ତି । ତେଣୁ ସୁରକ୍ଷା ପାଇଁ ଅଗ୍ନିପଥ ଯୋଜନା ଦେଶ ପାଇଁ ନିହାତି ଦରକାର ବୋଲି ଏନଏସଏ କହିଛନ୍ତି । ସେହିପରି ଅଗ୍ନିବୀରଙ୍କୁ ନେଇ ଡୋଭାଲ୍ କହିଛନ୍ତି, ଅଗ୍ନିବୀର କେବେବି ପୂର୍ଣ୍ଣ ସେନା ହୋଇପାରିବେ ନାହିଁ । ଯେଉଁ ଅଗ୍ନିବୀର ନିୟମିତ ସେନାରେ ଭର୍ତି ହେବେ, ସେମାନଙ୍କର ଟ୍ରେନିଂ ବହୁତ କଠିନ ହେବ । ସେମାନଙ୍କୁ ଅଭିଜ୍ଞତା ହାସଲ କରିବା ପାଇଁ ସମୟ ଲାଗିବ ବୋଲି ସେ କହିଛନ୍ତି । ଡୋଭାଲ୍ ଆହୁରି କହିଛନ୍ତି, ପ୍ରଥମ ଅଗ୍ନିବୀର ଯେତେବେଳେ ସେବାରୁ ନିବୃତ ହେବେ, ସେତେବେଳେ ତାଙ୍କୁ ୨୫ ବର୍ଷ ବୟସ ▶▶ପୃଷ୍ଠା ୭

## ୫ମ ଥର ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡିର ପଚାଉଚରା



ନୂଆଦିଲ୍ଲୀ, ୨୧/୦୬ : ନ୍ୟାସନାଲ ହେରାଲ୍ଡ ମାମଲାରେ ମଙ୍ଗଳବାର ପୁଣି ଥରେ ଜେରାର ସମ୍ମୁଖୀନ ହୋଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ୫ମ ଥର ପାଇଁ ରାହୁଲଙ୍କୁ କରାଯାଇଛି ଜେରା । କଡ଼ା ସୁରକ୍ଷା ଭିତରେ ଆଜି ସକାଳ ୧୧ଟା। ୧୫ ମିନିଟରେ ଇଡି ଅଫିସରେ ପହଁଚିଥିଲେ ରାହୁଲ । ସୋମବାର ରାହୁଲଙ୍କୁ ପ୍ରାୟ ୧୨ ଘଂଟା ଧରି ଜେରା କରିଥିଲା ଇଡି । ଜେରା ସମୟରେ ରାହୁଲଙ୍କୁ ୟଙ୍ଗ ଇଣ୍ଡିଆ, ନ୍ୟାସନାଲ ହେରାଲ୍ଡ ଓ ଆସୋସିଏଟ ଜର୍ଣ୍ଣଲ ଲିମିଟେଡ ସମ୍ବନ୍ଧିତ କଂଗ୍ରେସର ମନିଲଣ୍ଡ୍ରିଂ ମାମଲାକୁ ନେଇ ଚାଲିଛି ଜେରା । ସେପଟେ କରୋନାରୁ ସୁସ୍ଥ ହେବା ପରେ ଜୁନ ୨୩ରେ ଜେରା ପାଇଁ ଇଡି ନିକଟରେ ହାଜର ହେବେ ସୋନିଆ ଗାନ୍ଧୀ ।

## ବାରାମୂଳା ଏବଂ ପୁଲଓ୍ୱାମାରେ ଅଲଗା ଅଲଗା ସଂଘର୍ଷରେ ଚାରି ଆତଙ୍କବାଦୀ ମୃତ

ବାରାମୂଳା,୨୧/୦୬ (ନି.ପ୍ର): କାଶ୍ମୀର ଘାଟୀରେ ଆତଙ୍କରୋଧି ଅଭିଯାନରେ ମଙ୍ଗଳବାର ଦିନ ସୁରକ୍ଷାକର୍ମୀ ବାରାମୂଳା ତଥା ପୁଲଓ୍ୱାମାରେ ହୋଇଥିବା ସଂଘର୍ଷରେ ଚାରି ଆତଙ୍କବାଦୀଙ୍କୁ ମାରିଥିଲେ । ଦୁଇ ସ୍ଥାନରେ ଅନ୍ୟ ଆତଙ୍କବାଦୀଙ୍କ ଆଶଙ୍କାରେ ତଲାସୀ ଅଭିଯାନ ଜାରି ଅଛି । ମୃତ ଆତଙ୍କବାଦୀଙ୍କ ଶବ ସହିତ ସୁରକ୍ଷାବଳ ଅସ୍ତ୍ରଶସ୍ତ୍ର ତଥା ଗୋଳାବାରୁଦ ଜବତ କରିଛି । ବାରାମୂଳା ଜିଲ୍ଲାର ସୋପୋର ଅନ୍ତର୍ଗତ ତୁଳୀବଳ ଇଲାକାରେ ଆତଙ୍କବାଦୀଙ୍କ ଉପସ୍ଥିତି ପରେ ପୋଲିସ୍, ସେନା ତଥା ସିଆର୍‌ପିଏଫ୍‌ର ▶▶ପୃଷ୍ଠା ୭

## କଟକ ନରସିଂହପୁର ହାତୀ ଗୁଳିକାଣ୍ଡ ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): କଟକ ନରସିଂହପୁର ଅଂଚଳରେ ହାତୀକୁ ଗୁଳିକରିବା ଘଟଣାରେ ୩ଜଣଙ୍କୁ ଗିରଫ କଲା ବନବିଭାଗ । ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି । ହାତୀର ୫ଟି ଜାଗାରେ ଗୁଳି ବାଜିଥିବା ବେଳେ ଚିକିତ୍ସା ଅବହେଳାରୁ ହାତୀର ମୃତ୍ୟୁ ଅଭିଯୋଗ ହୋଇଥିଲା । ତେବେ ଏହି ▶▶ପୃଷ୍ଠା ୭

## ରୋମ୍‌ରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧/୦୬ (ନି.ପ୍ର): ବିଦେଶ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ରୋମର ପିଆଜା ଗାନ୍ଧୀଠାରେ ଥିବା ମହାତ୍ମା ଗାନ୍ଧୀ ମେମୋରିଆଲ ଷ୍ଟାଚ୍ୟୁରେଶ୍ରଦ୍ଧାଂଜଳି ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏବଂ ନୀତି ଦ୍ୱାରା ମୁଁ ଅନୁପ୍ରାଣିତ । ସୂଚନାଯୋଗ୍ୟ ଯେ୨୦୧୮ ମସିହାରେ ଦେଶବ୍ୟାପି ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମୋତ୍ସବ ପାଳନ ଲାଗି ଗଠିତ ଜାତୀୟ କମିଟିର ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀ ଭାରତୀୟ ସମ୍ବିଧାନର ମୁଖବନ୍ଧ ବା ପ୍ରିଏମ୍ବଲରେ 'ଅହିଂସା' ଶବ୍ଦ ସାମିଲ୍ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ମହାତ୍ମାଙ୍କ ପ୍ରତି ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତ ରଖିଥିଲେ । ଏହି ବୈଠକରେ ମହାତ୍ମାଙ୍କ ବକ୍ତବ୍ୟକୁ ଉଦ୍ଧାର କରି ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସମଗ୍ର ରାଜ୍ୟକୁ ଛୁଇଁଥିବା ବେଳେ ଏହାର ପ୍ରଭାବରେ ଗତକାଲି ଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗିରହିଛି । ଗତ ୨୪ ଘଂଟାରେ ରାଜ୍ୟରେ ମୌସୁମୀ ସକ୍ରିୟ ସହ ପାଖାପାଖି ୧୭.୩ ମିମି ବର୍ଷା ରେକର୍ଡ ହୋଇଛି । ଯାହା ଗତ ୨୪ ଘଂଟାର ସ୍ୱାଭାବିକ ବର୍ଷା ୯.୨ ମିମି ତୁଳନାରେ ୮୮% ଅଧିକ ରହିଛି । ଏପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା ସହିତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ଓଡିଶାର ସମ୍ବଲପୁର, ଅନୁଗୁଳ, ବୌଦ୍ଧ, କଟକ, ଢ଼େଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଂଜ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ପୁରୀ ଓ ଗଂଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୨ ରୁ ୨୩ ତାରିଖ ମଧ୍ୟରେ କଳାହାଣ୍ଡି , କନ୍ଧମାଳ , ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ, ନବରଙ୍ଗପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ. କେନ୍ଦୁଝର, ଯାଜପୁର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

## ପୁରୀକୁ ବିଶ୍ୱସ୍ତରୀୟ ଷ୍ଟେସନ ପାଇଁ ଖର୍ଚ୍ଚ ହେବ ୩୬୪ କୋଟି

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ପୁରୀସ୍ଥିତ ରେଳଷ୍ଟେସନରେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଓ ଭିତ୍ତିଭୂମି ଉପଲବ୍ଧ କରିବା ପାଇଁ କେନ୍ଦ୍ର ସରକାର ୩୬୪କୋଟି ଟଙ୍କା ମଞ୍ଜୁର କରିଛନ୍ତି ଓ ଆସନ୍ତା ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ପୁରୀ ରେଳଷ୍ଟେସନକୁ ପରିଦର୍ଶନ କରିବା ଅବସରରେ ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ପୁରୀ ରେଳଷ୍ଟେସନକୁ ବିଶ୍ୱସ୍ତରୀୟ ରୂପ ଦେବା ପାଇଁ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ । ପୁରୀ ରେଳଷ୍ଟେସନ ଓ ଏହାର ପାରିପାର୍ଶ୍ୱିକ ଅଂଚଳକୁ ବିକଶିତ କରିବା ନିମନ୍ତେ ୩୬୪କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି ଓ କାମ ଖୁବଶୀଘ୍ର ଆରମ୍ଭ ହେବ ଓ ପ୍ରାୟ ୨ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ । ରେଳ ଷ୍ଟେସନରେ ଓଡ଼ିଶାର ସ୍ଥାପତ୍ୟ କଳାର ଡିଜାଇନ୍ ଆଧାରରେ ଯାତ୍ରୀନିବାସ ନିର୍ମାଣ କରାଯିବ । ପୁରୀ ରେଳଷ୍ଟେସନ କୋଠା ଏଭଳି ଶୈଳୀରେ ନିର୍ମାଣ ହେବ, ଯାହା ଉପରେ ୨୦୦ରୁ ୩୦୦କିମି ବେଗର ବାତ୍ୟା ପ୍ରଭାବିତ ହେବ ନାହିଁ । ଷ୍ଟେସନରେ ଗ୍ରୀନ ବିଲଡିଂ ରହିବ । ପ୍ରସ୍ତାବ ଅନୁସାରେ ଷ୍ଟେସନରେ ଫୁଡ୍ କୋର୍ଟ, ସପିଂ ଏରିଆ ଓ ୱେଷ୍ଟ ମ୍ୟାନେଜମେଣ୍ଟ ପାଇଁ ବ୍ୟବସ୍ଥା ରହିବ । ପୁରୀରେ ମୋବାଇଲ ଟିକେଟିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ, ଯାହାଫଳରେ ଯାତ୍ରୀମାନେ ଧାଡ଼ିରେ ନଛିଡ଼ା ହୋଇ ଯେକୌଣସି ସ୍ଥାନରୁ ଟିକେଟ୍ କରିପାରିବେ । ଶ୍ରୀ ବୈଷ୍ଣବ ଆଜି ପୁରୀ ରେଳଷ୍ଟେସନରେ ଭିତ୍ତିଭୂମି ଆଦିର ସମୀକ୍ଷା କରୁଥିଲେ । ସେ ଏହି ଅବସରରେ ରଥଯାତ୍ରା ପାଇଁ ରେଳବାଇର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ଜୁଲାଇ ୧ ରଥଯାତ୍ରା ପାଇଁ ୨୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ରେଳବାଇ ଯୋଜନା କରିଛି । ଏହାସହିତ କୋଣାର୍କକୁ ରେଳ ସଂଯୋଗ ନିମନ୍ତେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । କୋଣାର୍କକୁ ପୁରୀରୁ ନା ଅନ୍ୟ ନିକଟବର୍ତ୍ତୀ କେଉଁ ସ୍ଥାନରୁ ଟ୍ରେନ ଚଳାଚଳ କରିହେବ ତାହାର ସର୍ଭେ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିକ୍ଷୋଭ

ଜୟପୁର,୨୧/୦୬ (ନି.ପ୍ର): ଟାଟା ପାୱାରର ମନମୁଖୀ ବିଦ୍ୟୁତ ବିଲ ଏବଂ ଅବ୍ୟବସ୍ଥାକୁ ବିରୋଧ କରି ଆଜି ନୂଆଗୁଡା ଏବଂ ବାୟାଗୁଡ଼ା ଗ୍ରାମବାସୀ ଜୟପୁର ବାମୁଣି ଗ୍ରାମ ସ୍ଥିତ ଟାଟା ପାୱାର କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା ଦେବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମିଟର ଏବଂ ତାର ନଥାଇ ମଧ ପଚାଶ ହଜାର, ଲକ୍ଷେ ଟଙ୍କା ବିଲ୍ ଆସିଛି । କାହା କାହା ଘରେ ତ ତାର ଝୁଲୁଛି କିନ୍ତୁ କରେଂଟ ଠିକ୍ ଭାବେ ଆସୁନାହିଁ । ଗ୍ରାମବାସୀ ଲିଖିତ ଆକାରରେ ଅଭିଯୋଗ କଲେ ମଧ ବିଦ୍ୟୁତ ବିଭାଗ ଶୁଣିବାକୁ ନାରାଜ, କିନ୍ତୁ ଟାଟା ପାୱାରର କର୍ମଚାରୀ ଯାଇ ଜୋର ଜବରଦସ୍ତ କରି ଟଙ୍କା ଆଦାୟ କରୁଛନ୍ତି, ଟଙ୍କା ନ ଦେବାରୁ ଟାଟା ପାୱାର କର୍ମଚାରୀ ଆସି ବିଦ୍ୟୁତ କାଟ କରିଛନ୍ତି । ଯାହାଫଳରେ ଗ୍ରାମବାସୀ ଖରାଦିନ ଗରମ ସାଙ୍ଗକୁ ସାତ ଦିନ ହେବ ଅନ୍ଧକାରରେ ଜୀବନ କାଟୁଛନ୍ତି । ଅଧଘଂଟା ପରେ ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ଆସି ଆଶ୍ୱାସନା ଦେବାପରେ ବିଜେପି ନେତା ଏବଂ ଗ୍ରାମବାସୀ ଧାରଣାରୁ ଉଠିଥିଲେ । ଏହି ଧାରଣାରେ ବିଜେପିର ବରିଷ୍ଠ ନେତା ମଧୁ ହିଆଲ୍, ପି. କନକା ରାଓ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମୋହନ ମାଝୀ, ନଳିନୀ ଦାଶ, ଶିବ ପଟ୍ଟନାୟକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ଉଦ୍ଦେଶ୍ୟରେ ମକ୍‌ଡ୍ରିଲ୍

କେନ୍ଦୁଝର ,୨୧/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଆଦିର ମୁକାବିଲା କରିବା ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଆରକ୍ଷୀ ଅଧିକ୍ଷକ ବି .ପି ଦେହୁରୀ, ଡି.ଏଫ.ଓ .ଧନରାଜ ଏଚ.ଡି , ମୁଖ୍ୟ ଜିଲ୍ଲା ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ , ଡାଃ ସୁଜାତାରାଣୀ ମିଶ୍ର , ସଦର ବ୍ଲକ ବି.ଡି.ଓ . ନୂରୁପ ଚାନ୍ଦଗୋଟିଆ , ସଦର ତହସିଲଦାର ଆଶିଷ ମହାପାତ୍ର ,କେନ୍ଦୁଝର ଗଡ ପୌର ପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରତ୍ୟେକ ବ୍ୟକ୍ତି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଆବଶ୍ୟକ କୌଶଳ ସଂପର୍କରେ ସଚେତନ ହେଲେ ପ୍ରକୃତିକ ବିପର୍ଯ୍ୟୟର ପ୍ରଭାବ ପ୍ରଶମନ ହୋଇ ପାରିବ ଓ ଧନ ଜୀବନକୁ ସୁରକ୍ଷା ଦେବା ସମ୍ଭବ ବୋଲି ମତ ଦେଇଥିଲେ । ସରକାରୀ ଓ ବେସରକାରୀସ୍ତରରେ କାର୍ଯ୍ୟରତ ଅଧିକାରୀ , କର୍ମଚାରୀ , ଲୋକ ପ୍ରତିନିଧି , ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ ତଥା ଆବଶ୍ୟକ କୌଶଳ ଅବଲମ୍ବନ ରେ ପ୍ରାକୃତିକ ବିପ ର୍ଯ୍ୟୟ ର ସଫଳ ମୁକାବିଲା କରାଯାଇ ପାରିବ ବୋଲି କହିଥିଲେ । ଏତଦ୍‌ବ୍ୟତିତ କୌଶଳ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଡେପୁଟି କଲେକ୍ଟର ଆପତକାଳୀନ ସୁରଞ୍ଜିକା ବେହେରା ବ୍ୟକ୍ତବ୍ୟ ପ୍ରଦାନ କରି ପ୍ରକୃତିକ ବିପର୍ଯ୍ୟୟ ସଂପର୍କରେ ସୂଚନା ପ୍ରସାରଣ , ପ୍ରକ୍ ପ୍ରସ୍ତୁତି , ଉଦ୍ଧାର କାର୍ଯ୍ୟ , ରିଲିଫ ପରିଚାଳନା , ଆଶ୍ରୟସ୍ଥଳ ପରିଚାଳନା ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସଂପର୍କରେ ଆଲୋକପାତ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିବା ବେଳେ ଜିଲ୍ଲା ରେଡକ୍ରସ ଶାଖାର ଯୁଗ୍ମ ସଂପାଦକ ତଥା ଡିଜାଷ୍ଟାର ରେସପନିସ ଟ୍ରେନର ଏ.ଆର. ଖାନ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା , ଉଦ୍ଧାର କାର୍ଯ୍ୟ, ଆସ୍କାଲାଇଟରେ ବ୍ୟବହାର , ହାଇଡ୍ରୋଲିକ ଯନ୍ତ୍ର ଦ୍ୱାରା ରାସ୍ତାରେ ପଡିଥିବା ଗଛକାଟି ରାସ୍ତାକୁ ଗମନାଗମନ ଉପ ଯୋଗୀ କରିବା , ବିଭିନ୍ନ ଯନ୍ତ୍ରର ବ୍ୟବହାର ପ୍ରଦର୍ଶନ କରିବା ଏ ବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ବୁଝାଇଥିଲେ । ଡେପୁଟି କଲେକ୍ଟର ସୋନା ଟଂଡୁ , ଗାୟତ୍ରୀ ସୋରେନ , ବସୁନ୍ଧରା ଭିତିରିଆ , ଆସିଷ୍ଟାଂଟ କଲେକ୍ଟର ସୁଚିସ୍ମିତା ଦାସ , ସନ୍ଦୀପ ରାୟ ଙ୍କ ସମେତ ବିଭିନ୍ନ ବିଭାଗୀୟ ଲାଇନ ଡିପାର୍ଟମେଂଟ ଅଧିକାରୀ କର୍ମଚାରୀ , ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା , ପଂଚାୟତରାଜ ଅନୁଷ୍ଠାନର ପ୍ରତିନିଧି , ଏନ.ସି.ସି. କ୍ୟାଡେଟସ ତଥା ଜନସାଦାରଣ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ।

# ବୈରାଗି ମଠଠାରୁ ରାମଗଡ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ ଦାବି

ଜୟପୁର,୨୧/୦୬ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଚାଂୟତର ବୈରାଗିମଠ ଠାରୁ ରାମଗଡ ଗ୍ରାମ ମଧ୍ୟରେ ରାସ୍ତା ନିର୍ମାଣ ସକାଶେ ଦାବି ହୋଇଛି । ସମାଜସେବି ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଆଜି ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ବୈରାଗିମଠ ଠାରୁ ରାମଗଡ ଗ୍ରାମ ରାସ୍ତା ନିର୍ମାଣ ନେଇ ବାରମ୍ବାର ଜିଲାପାଳ ଓ ଉପ ଜିଲାପାଳଙ୍କୁ ଦାବୀ କରାଯାଇଛି । ହେଲେ ଦାବି ପୁରଣ ହୋଇନାହିଁ । ରାମଗଡ ଗ୍ରାମ ପାହାଡ ଉପରେ ଅବସ୍ଥିତ । ସେହି ଗ୍ରାମରୁ ବୈରାଗିମଠ ପ୍ରାୟ ୨ କିମି ଦୂରତାରେ ଅବସ୍ଥିତ । ସେହି ଗ୍ରାମରୁ ରାସ୍ତା ନିର୍ମାଣ ହୋଇ ନଥିବାରୁ କାହାରି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ କିମ୍ବା ଅତ୍ୟନ୍ତ ଜରୁରିକାଳିନ ପରିସ୍ଥିତି ଘଟିଲେ ଖଟରେ ବୁହା ହୋଇ ପାହାଡ ତଳକୁ ବୈରାଗି ମଠ ନିକଟକୁ ଆସି ମେଡିକାଲ ଯିବାକୁ ପଡୁଛି । ଏଠାରେ ପାନୀୟ ଜଳର ଅଭାବ ମଧ ରହିଛି । ଅତ୍ୟନ୍ତ ଜରୁରି କାର୍ଯ୍ୟ ପଡିଲେ ମଧ ଉକ୍ତ ଗ୍ରାମରୁ ସହରକୁ ଆସିବା କଷ୍ଟ ସାଧ ହେଉଛି । କିନ୍ତୁ, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ତେଣୁ ରାମଗଡ ଗ୍ରାମରେ ୬୦ ପରିବାର ଲୋକ ଏବଂ ଅନ୍ୟ ପାଖ ଗ୍ରାମର ଗ୍ରାମବାସୀ ଏନେଇ ଆସନ୍ତା ୨୨ ତାରିଖରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସେଠାରେ ମଧୁ ମୁଦୁଲି, ଡମ୍ବୁ ମୁଦୁଲି, ବିଷ୍ଣୁ ମୁଦୁଲି, ବିଶ୍ୱନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଚତୁର୍ଥ ବ୍ୟାଚ କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆପଡ଼ା,୨୧/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷକ ଓ ଶିକ୍ଷିକା ମାନଙ୍କୁ ନେଇ ଚତୁର୍ଥ ବ୍ୟାଚର କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚ ଦିନ ବ୍ୟାପି ଏହି ତାଲିମ ପ୍ରଦାନ କରାଯିବ । ଉଦଘାଟନୀ ସମାରୋହରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁର ବିଜୟ କାନ୍ତ ତାଣ୍ଡି ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ, ପ୍ରୋଗ୍ରାମର ନିଖିଳ ଓଝା ଓ ଏମ୍.ଆଇ.ଏସ୍. ସଂଯୋଜକ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ମଞ୍ଚାସୀନ ଥିଲେ । ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି, ଖଡ଼ିଆଳ, ସିନାପାଲି ଓ ବୋଡେନ ବ୍ଲକ ଅନ୍ତର୍ଗତ ବିଭିନ୍ନ ରୂପାନ୍ତରଣ ବିଦ୍ୟାଳୟର ପଚାଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୌରୀ ଶଙ୍କର ଦୁବେ , ରତନ ସିଂହ ବାରିକ, ନୀଳିମା ରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ପ୍ରଭୁଦତ୍ତ ପୁରୋହିତ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ୟାମ ନାରାୟଣ ମୁଣ୍ଡ, ବୈଷ୍ଣବ ମେହେର, ଆଶିଷ କୁମାର ପଟ୍ଟନାୟକ, ସିମନ୍ତ ହେର୍ଣା , ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ଭରଦ୍ୱାଜ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୧/୦୬ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଆଜି ସକାଳେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ଓ ଯୋଗ ପରମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଯୋଗ ଦ୍ୱାରା ସବୁ ରୋଗରୁ ଆରୋଗ୍ୟ ମିଳିବ ଏଣୁ ପ୍ରତିଦିନ ଯୋଗ, ଆସନ, ପ୍ରାଣାୟାମ କରିବା ପାଇଁ ପ୍ରଦର୍ଶନ ସହ ପରାମର୍ଶ ଦେଇଥିଲେ । ପ୍ରତି ରୋଗର କାରଣକୁ ଛାଡିଲେ ରୋଗ ସ୍ୱତଃ ଭଲ ହୋଇଯିବ, ଜୀବନ ସାରା ଔଷଧ ଖାଇବାକୁ ପଡିବ ନାହିଁ ଏବଂ ରୋଗ ଗୁଡିକର କାରଣ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଗୌରୀ ପ୍ରସାଦ ପରିଛା, ଗଣେଶ ପ୍ରସାଦ ପରିଛା ଓ ମନ୍ଦିର କମିଟିର ସଭ୍ୟସଭ୍ୟା । ପ୍ରତି ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ । ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

# ଗଞ୍ଜାମ ଜିଲ୍ଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡାଙ୍କ ଦାୟୀତ୍ୱ ଗ୍ରହଣ

ଗଞ୍ଜାମ,୨୧/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡା ସୋମବାର ପୂର୍ବାହ୍ନରେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ରହି ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ବିଦାୟୀ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ଉଭୟ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।

ନୂତନ ଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରି ଦିବ୍ୟଜ୍ୟୋତି ପରିଡା ନିଜ ବକ୍ତବ୍ୟରେ ଗଞ୍ଜାମ ଜିଲ୍ଲାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟ କରିବେ । ଜିଲ୍ଲାରେ ପୂର୍ବରୁ ଯେଉଁ ସବୁ କାର୍ଯ୍ୟମାନ ହୋଇଛି ସେଗୁଡିକ ନିର୍ଶ୍ଚିତ ଭାବେ ତ୍ୱରାନ୍ୱିତ କରିବେ ।

# ଚାନ୍ଦ ମନ୍ଦିର ରଥ କମିଟିର ପ୍ରସ୍ତୁତି ବୈଠକ

ବଲାଙ୍ଗିର,୨୧/୦୬ (ନି.ପ୍ର): ଆଗାମୀ ରଥଯାତ୍ରା ପାଳନର ପ୍ରସ୍ତୁତି ପାଇଁ ବଲାଙ୍ଗିର ଟିକ୍ରାପଡା ସ୍ଥିତ ଚାନ୍ଦ ମନ୍ଦିର ରଥ କମିଟିର ଏକ ପ୍ରସ୍ତୁତି ବୈଠକ ଗତକାଲି ଚାନ୍ଦ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ପ୍ରଦୀପ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରା ଠାରୁ ବାହୁଡାଯାତ୍ରା, ସୁନାବେଶ ସୁପରିଚାଳନା ଉପରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ରଥଯାତ୍ରାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ ମାଉସୀ ଘର ରୂପେ ରାମଚରିତ ମାନସ ମନ୍ଦିର (ଡେଲିମାର୍କେଟ) ରେ ହେବା ପାଇଁ ସ୍ଥିର ହୋଇଛି । ଏହି ଉପଲକ୍ଷେ ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ରାମ ଚରିତ ମାନସ ମନ୍ଦିରରେ ପ୍ରତ୍ୟେହ ଚାନ୍ଦ ମନ୍ଦିର ରଥ କମିଟି ତରଫରୁ ସର୍ବ ସାଧାରଣଙ୍କ ପାଇଁ ଆନନ୍ଦ ବଜାରରେ ଖେଚୁଡ଼ି ଭୋଗ ବଂଟନ କରାଯିବା ସହିତ ସନ୍ଧ୍ୟାରେ ମହାପ୍ରଭୁଙ୍କ ଦଶ ଅବତାର ତଥା ବିଭିନ୍ନ ବେଶ ଦର୍ଶନ, ହେରା ପଂଚମୀରେ ଲକ୍ଷ୍ମୀଙ୍କ ରଥ ଭାଙ୍ଗିବା, ଷଷ୍ଠିରେ ରଥ ମୋଡ, ନବମୀ ତିଥିରେ ପୋଡ ପିଠା ଭୋଗ ଓ ସନ୍ଧ୍ୟା ଦର୍ଶନ, ପହଣ୍ଡି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାହୁଡାଯାତ୍ରା । ଠିକ୍ ସମୟରେ ଅନୁଷ୍ଠିତ ହେବା ସହ ପବିତ୍ର ବଡ ଏକାଦଶୀରେ ଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଓ ସନ୍ଧ୍ୟାରେ ସୁନାବେଶ ଉପଲକ୍ଷେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟାର ଭଜନ ସମାରୋହ ଅନୁଷ୍ଠିତ ହେବା ସହିତ ଦ୍ୱାଦଶୀ ତିଥିରେ ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ଓ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉମାନଙ୍କର ନିଳାଦ୍ରି ବିଜେ ହେବା ପାଇଁ କମିଟି ତରଫରୁ ସ୍ଥିରକୃତ ହୋଇଛି । ଉକ୍ତ ବୈଠକରେ ବ୍ରଜ ବିହାରୀ ତ୍ରିପାଠୀ, ଅଶୋକ ଚାନ୍ଦ, ରଞ୍ଜିତ ପଣ୍ଡା, ନିମାଇଁ ହାତୀ, ମହେନ୍ଦ୍ର ବାଗ, ପଦ୍ମଲୋଚନ ଯୋଷୀ, ରାମଚନ୍ଦ୍ର ଷଡଙ୍ଗୀ, ସତ୍ୟନାରାୟଣ ଶତପଥି, ଅନିଲ ଠାକୁର, କୃଷ୍ଣଚନ୍ଦ୍ର ରଥ, ରାଜୀବ ମିଶ୍ର, ଛାୟାକାନ୍ତ ସାହୁ, ସୁଧାନିଧି ହୋତା, ବଳରାମ ମିଶ୍ର, ମନ୍ଦିରର ପୂଜକ କୃଷ୍ଣଚନ୍ଦ୍ର ମିଶ୍ର, ସୁଧିର ଚାନ୍ଦ, ରାଜୀବ ବେହେରା, ରାଜକୁମାର ମିଶ୍ର, ଧ୍ରୁବ ବେହେରା, ମୋତିଲାଲ ଅଗ୍ରୱାଲ ତଥା ରଥ କମିଟିର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

# କରୋନା ସହାୟତା ପ୍ରଦାନ କଲେ ନରସିଂହ

ବଲାଙ୍ଗିର,୨୧/୦୬ (ନି.ପ୍ର): ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ.୧୦ ରେ ରହୁଥିବା ୧୪୭ ଜଣ ଲୋକଙ୍କୁ କରୋନା ସହାୟତା ପ୍ରଦାନ କରିଛନ୍ତି । କିଛି ମାସ ପୂର୍ବେ ଗେଟସୋବର ପଡାରେ ସେଠାକାର ସମସ୍ୟା ଶୁଣିବା ପାଇଁ ବିଧାୟକ ଶ୍ରୀ ମିଶ୍ର ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ସେହି ସମୟରେ ଏହି ୱାର୍ଡର ୧୦୦ରୁ ଉର୍ଦ୍ଧ୍ୱ ଗରିବ ଲୋକ ଆସି କରୋନା ମହାମାରି ଯୋଗୁଁ ତାଙ୍କର ଜିବିକା ଉପର୍ଜନରେ ଘୋର ବ୍ୟାଘାତ ଘଟିଛି । ତେଣୁ ତାଙ୍କୁ କିଛି ସହାୟତା ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଥିଲେ । ବିଧାୟକ ଶ୍ରୀ ମିଶ୍ର ସେ ଅଂଚଳର ଅନ୍ୟାନ୍ୟ ସମସ୍ୟା ଶୁଣିବା ସହ ନିଜ ବିଧାୟକ ପାଣ୍ଠିରୁ ୧୪୭ ଜଣଙ୍କ ପାଇଁ ସୁଖିଲା ଖାଦ୍ୟ ହିସାବରେ ୨୫ କେଜି ଚାଉଳ ଏବଂ ଦୁଇ କେଜି ଡାଲି ଲେଖାଏଁ ପ୍ରଦାନ କରାଯିବାର ପ୍ରତିଶୃତି ଦେଇଥିଲେ । ଆଜି ପୂର୍ବାହ୍ନ ଘ.୧୧ ସମୟରେ ଗେଟସରୋବରପଡା ଠାରେ ପୌର ଅଧିକାରୀ ବିପିନ ଦୀପଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ମିଶ୍ର ଗରିବ ଲୋକଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି । ଏହା ସହ ଗେଟସରୋବର ବନ୍ଧର ଗାଧୁଆ ଘାଟ ସଫା କରିବା ପାଇଁ ମଧ ଅନୁଦାନ ଦିଆସରିଛି ତାର କାମ ମଧ ବହୁ ଶିଗ୍ର ଆରମ୍ଭ ହେବ ବୋଲି କହିଥିଲେ । ଆହୁରି ମଧ ଯଦିଓ ଓଡିଶାରେ କରୋନା ମହାମାରି ର ରୂପ ନିୟନ୍ତ୍ରଣରେ ଅଛି କିନ୍ତୁ ଜାତୀୟ ସ୍ତରକୁ ଦେଖିଲେ ଦେଶରେ ଏବେ କରୋନା ଉପରମୁହାଁ ହେବାର ଲାଗିଛି । ତେଣୁ ଲୋକେ ସଚେତନ ହୁଅନ୍ତୁ ସେନିଟାଜର ବ୍ୟବହାର କରନ୍ତୁ ଏବଂ ବାହାରକୁ ବାହାରିଲେ ସାମାଜିକ ଦୂରତ୍ୱ ପାଳନ ସହ ପ୍ରତ୍ୟେକ ଲୋକ ମାକ୍ସ ପରିଧାନ କରନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ସଚେତନ କରିଥିଲେ । ଏହି ଅବସରରେ ଏ ଅଂଚଳର ଓମ୍ ପ୍ରକାଶ କୁମ୍ଭାର, ସତ୍ୟନାରାୟଣ କୁମ୍ଭାର, ଅନ୍ତ ମଛଖଣ୍ଡ, ସୀତାରାମ କୁମ୍ଭାର, ଦିଲିପ କୁମ୍ଭାର, ଦିପକ ନାଗ, ମନିନ୍ଦ୍ର କୁମ୍ଭାର, ଦୁଃଖି କୁମ୍ଭାର, ମୁନା କୁମ୍ଭାର, ଦେବାଶିଷ ନାଏକ, ଲୁଲୁ ପଟ୍ଟନାୟକ, ବୁଲୁ ଦାନି, କୈଳାସ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଇପିଏଫ୍ ପେନସନ ମାସିକ ୯୦୦୦ ଟଙ୍କା କରିବା ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନ

ଜୟପୁର,୨୧/୦୬ (ନି.ପ୍ର): ଆଜି ଇପିଏଫ୍ ପେନସନଧାରୀ ଓଡିଶା ସଂଗଠନର କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଡାକ ବାକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପେନସନ ଭୋଗୀ କର୍ମଚାରୀମାନେ ପୋଷ୍ଟ କାର୍ଡରେ ଚିଠି ଲେଖି ପଠାଇଛନ୍ତି । କୋରାପୁଟ ଜିଲ୍ଲା ସଭାପତି ନଳିନୀକାନ୍ତ ରଥଙ୍କ ନେତୃତ୍ୱରେ ବିଭିନ୍ନ ସରକାରୀ, କର୍ପୋରେସନ୍, ପେପର୍ ମିଲ୍, ଅନ୍ୟ ଘରୋଇ ସଂସ୍ଥାର ଶ୍ରମିକ କର୍ମଚାରୀ ମାନେ ଯୋଗଦେଇ ହାତଲେଖା ପୋଷ୍ଟ କାର୍ଡ ପ୍ରେରଣ କରିଛନ୍ତି । ଏଥିରେ ନିବେଦନ କରାଯାଇଛି ଯେ, ସର୍ବନିମ୍ନ ଇପିଏଫ ପେନସନ ମାସିକ ୯୦୦୦/ ଟଙ୍କା କରିବା ସହ ଡିଏ ସଂଯୁକ୍ତ କରିବା, ଆକ୍ରୋଶମୂଳକ ଭାବେ ଦଣ୍ଡିତ ଶ୍ରମିକ କର୍ମଚାରୀ ମାନଙ୍କୁ ଅବସର ପରେ ପେନସନ ସୁବିଧାରୁ ବଂଚିତ ନକରିବା, ଇପିଏଫ ପେନସନ ଭୋଗୀ ମାନଙ୍କୁ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଆଦି ଦାବି ମୁଖ୍ୟତଃ ରହିଛି । ଆଜିର ବିକ୍ଷୋଭ ଏବଂ ପୋଷ୍ଟ କାର୍ଡ ପ୍ରେରଣ ଅଭିଯାନରେ ସିଟି କୋଆର୍ଡିନେସନ୍ କମିଟିର ସାଧାରଣ ସଂପାଦକ ପ୍ରମୋଦ କୁମାର ମହାନ୍ତି ଓ ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସହଯୋଗରେ ସର୍ବଶ୍ରୀ ସରୋଜ ପଣ୍ଡା, ନିମାଇଁ ସ୍ୱାଇଁ, ପ୍ରକାଶ ଚୌଧୁରୀ, ଏସ୍ .କେ. ମହାନ୍ତି, ଗୋପାଳ କୃଷ୍ଣ ପାଢ଼ୀ, ଏସ. ପଟ୍ଟନାୟକ ପ୍ରମୁଖ ଅନେକ ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ଯୋଗଦାନ କରିଥିଲେ ।

# କନ୍ଧମାଳ ଜିଲ୍ଲା ଶୌଣ୍ଡିକ ସମାଜର ପ୍ରତିଷ୍ଠା ଦିବସ

କନ୍ଧମାଳ ,୨୧/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କେରେଢ଼ି ଉମା ମହେଶ୍ୱରୀ ମନ୍ଦିର ନିକଟରେ ଜିଲ୍ଲା ଶୌଣ୍ଡିକ ସମାଜର ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଫୁଲବାଣୀ ବ୍ଲକ ଅଧକ୍ଷା ସସ୍ମିତା କହଁର ଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ କେରେଡି ସରପଂଚ ବନିତା କହଁର,ଗୁମାଗଡ ସରପଂଚ ପ୍ରତାପ ଚନ୍ଦ୍ର କହଁର, ଉପସ୍ଥିତ ଥିଲେ । ଜିଲ୍ଲା ଶୌଣ୍ଡିକ ସମାଜର ସଭାପତି ଦେବଶ୍ୱର ବେହେରା ଙ୍କ ଅଧକ୍ଷତାରେ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉପ ସଭାପତି ବାଳକୃଷ୍ଣ ସାହୁ, ସମ୍ପାଦକ ସୁଶାନ୍ତ କୁମାର ବେହେରା, ସହ ସମ୍ପାଦକ ବସନ୍ତ ସାହୁ, କୋଷାଧକ୍ଷ ଶିବପ୍ରସାଦ ସାହୁ , ଉପଦେଷ୍ଟା ଦୈନାଥ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ପଦ୍ମ ଚରଣ ସାହୁ,ମଳୟ ବେହେରା, ଙ୍କ ଉପସ୍ଥିତି ରେ ପ୍ରତିଷ୍ଠା ଦିବସ ସମାରୋହ ରେ ଶୌଣ୍ଡିକ ସମାଜର ସଂଗଠନ କିପରି ସୁଦୃଢ ହୋଇ ପାରିବ ସେନେଇ ଆଲୋଚନା କରାଯାଇଥିଲା ଏବଂ ନିଶା ନିବାରଣ, ଶିକ୍ଷା ଓ ସଂସାର ଉପରେ ମା ମାନଙ୍କ ଏବଂ ପରିବାର ର ଭୂମିକା କଣ ରହିବା କଥା ତାହାକୁ ବିସ୍ତୃତ ଭାବରେ ବୁଝାଇ ଥିଲେ ।ଏହି ପ୍ରତିଷ୍ଠା ଦିବସ କନ୍ଧମାଳ ଜିଲ୍ଲାର ବହୁ ମାତ୍ରା ରେ ଶୌଣ୍ଡିକ ସମାଜ ବାସୀ ଉପସ୍ଥିତ ଥିଲେ । ଏଥିରେ ସୋରଜ୍ ବେହେରା ସଭା ପରିଚାଳନା କରିଥିଲେ । ଶୌଣ୍ଡିକ ସମାଜ ର ପ୍ରତିଷ୍ଠାତା ଅବଦୂତ ସାହୁ , ପଦ୍ମ ଚରଣ ସାହୁ , ଦିନ ବନ୍ଧୁ ସାହୁ , ପ୍ରଫୁଲ୍ଲ ସାହୁ , ଇନ୍ଦ୍ର ପ୍ରଧାନ ଏହି ସମାଜ ର ଉପବିଧି ଲେଖକ ସ୍ୱର୍ଗତ ଅବଦୁତ ସାହୁ , ଆଙ୍କର ଲେଖନୀ ମୁନ ର ଲେଖା ଓ ଉପବିଧୀ ର ନିୟମ କୁ ମାନି ଆଜି କନ୍ଧମାଳ ଜିଲ୍ଲା ରେ ପଛୁଆ ବର୍ଗ ର ପ୍ରତ୍ୟେକ ସମାଜ କୁ ଏକ ତ୍ରିତ କରି ପଛୁଆ ବର୍ଗ ର ସ୍ଥାନ କୁ ବଜାୟ ରଖିବା ପାଇଁ ଏବଂ ଉପ୍ଵିଧି ଲେଖନୀ କୁ ସ୍ମରଣ କରିବା ପାଇଁ ପ୍ରତିଷ୍ଠା ଦିବସ ପାଳନ କରିଛି କନ୍ଧମାଳ ଜିଲ୍ଲା ସୌଣ୍ଡିକ ସମାଜ । ଶେଷରେ ଶିବ ପ୍ରସାଦ ସାହୁ ଧନ୍ୟବାଦ୍ ଦେଇଥିଲେ । ଏବଂ କେରେଡି ଗ୍ରାମ ର ମା ଭଉଣୀ ଏବଂ ଯୁବ ଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ବିଜେପିର ଅଷ୍ଟମ ବର୍ଷ ପୂର୍ତ୍ତି ପାଳନ ଓ ଗରିବ କଲ୍ୟାଣ ସଭା

ନୂଆପଡ଼ା,୨୧/୦୬ (ନି.ପ୍ର): କେନ୍ଦ୍ରରେ ବିଜେପି ସରକାରଙ୍କ ଆଠ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଖଡ଼ିଆଳ ଠାରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଭୁବନେଶ୍ୱର ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ । ନୂଆପଡା ଭାଜପା ସଭାପତି ସୁବ୍ରତ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗରିବ କଲ୍ୟାଣ ସଭାରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ଆସୀନ ହୋଇ ମୋଦି ସରକାରଙ୍କ ଆଠ ବର୍ଷର କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ । ଶ୍ରୀମତୀ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଅଗ୍ରଗଣ୍ୟ ରାଷ୍ଟ୍ରର ମାନ୍ୟତା ପାଇଥିବା ଉଲ୍ଲେଖ କରିଥିଲେ । ଆର୍ଥିକ, ସାମରିକ, ବୈଦେଶିକ ସମ୍ପର୍କ ପ୍ରତ୍ୟେକ କ୍ଷେତ୍ରରେ ଭାରତର ସ୍ଥାନ ସୁଦୃଢ ହୋଇଥିବା ବେଳେ ପ୍ରତ୍ୟେକ ଭାରତୀୟ ଆଜି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରେ ଲାଭ ପାଉଥିବା ବିଷୟ ଶ୍ରୀମତୀ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ କହିଥିଲେ । ମୋଦି ସରକାରଙ୍କ ସମୟରେ ୪୫ କୋଟି ଜନଧନ ଖାତା ଖୋଲା ଯାଇଛି, ୧୪୫୦ ପୁରୁଣା ନିୟମ ଉଚ୍ଛେଦ କରାଯାଇଛି,ପ୍ରତ୍ୟେକ ଘରେ ପାଣି ଯୋଗାଇଦେବାର ବ୍ୟବସ୍ଥା ହେଉଛି, ସବୁ ପରିବାରରେ ଏବେ ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ହୋଇଛି,ସବୁ ଗାଁ ରେ ବିଜୁଳି ଲାଗିଛି, ୩୬ କୋଟି ଏଲ ଇ ଡି ବଲବ ଯୋଗାଇ ଦିଆଯାଇଛି, ଏଗାର କୋଟି ଘରେ ଶୌଚାଳୟ, ତିନି କୋଟି ପରିବାର ପ୍ରଧାନ ମନ୍ତ୍ରୀ ଆବାସ ପାଇଛନ୍ତି, ଧାନ କ୍ୱିଣ୍ଟାଲ ପ୍ରତି ୧୦୦ ଟଙ୍କା ବୃଦ୍ଧି କରାଯାଇଛି ବୋଲି ସେ କହିବା ସହ ଅଗ୍ନି ବୀର ଯୋଜନା ଏକ ଯୁଗାନ୍ତକାରୀ ଯୋଜନା ଓ ଯୁବକ ମାନେ ଅଯଥା ଭ୍ରାନ୍ତିର ଶିକାର ନ ହେବାକୁ ସେ ଅନୁରୋଧ କରିଥିଲେ । କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ଯୋଜନାରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ କୃଷକ ମାନଙ୍କୁ ଆର୍ଥିକ ସହାୟତା ଦିଆ ଯାଉଥିବା, ବ୍ୟାଙ୍କ ସେବା ଗାଁ ଗାଁ ରେ ପହଁଚିବା, ଇଣ୍ଟରନେଟ ବ୍ୟବସ୍ଥାରେ ଉନ୍ନତି ଆଣିବା, ଅଯୋଧ୍ୟା ବିବାଦର ଅବସାନ, ୩୭୦ ଧାରା ଉଚ୍ଛେଦ, ତିନି ତଲାକ ଉଚ୍ଛେଦ ଆଦି ମୋଦି ସରକାରଙ୍କ ଏକ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ପ୍ରଥମେ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିରାଟ ପଟୁଆର ରେ ଅଗ୍ରସେନ ଭବନ ଠାରେ ବିଜେପି ନେତା ଓ କର୍ମୀ ପହଞ୍ଚିଥିଲେ ।

# ବହୁ ଚର୍ଚ୍ଚିତ ତିନିମୁହାଣୀ ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା,୨୧/୦୬ (ନି.ପ୍ର): ୨୦୨୧ ମସିହାରେ ତିନିମୁହାଣୀ ଗୁଳିକାଣ୍ଡ ଘଟଣାରେ ୨ ମୁଖ୍ୟ ଆସାମୀକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସଦର ଥାନା ଅଧିନ ବାରିମୂଳ ନିକଟବର୍ତ୍ତୀ ଶ୍ରୀରାମ ଟ୍ରାକ୍ଟର ସୋରୁମର ମାଲିକ ବିବେକାନନ୍ଦ ମହାରଣାଙ୍କୁ ତାଙ୍କ ସୋରୁମରେ ୧୪.୦୭.୨୦୨୧ ମସିହାରେ ଗୁଳି ମାଡ କରାଯାଇ ଥିଲା । ଦୁର୍ବୃତମାନେ ତାଙ୍କୁ ଗୁଳିମାରି ହତ୍ୟା ଉଦ୍ୟମ କରିଥିବାରୁ ପୋଲିସ ପକ୍ଷରୁ ଯୋଗାଇ ଦିଆଯାଇ ଥିବା ସୁରକ୍ଷା କର୍ମୀ ମାନସ ରଞ୍ଜନ ମହାନ୍ତି ଦୁର୍ବୃତମାନଙ୍କ ନାମରେ ଥାନାରେ ଲିଖିତ ଏତଲା ଦେଇଥିଲେ । ଏନେଇ ଥାନା ଅଧିକାରୀ ୩୯୫/୨୧ରେ ଏକା ମାମଲା ରୁଜୁ କରି ଏହି ଗୁଳିମାଡ ଘଟଣାରେ ମୋଟ ୯ଜଣ ଅଭିଯୁକ୍ତ ସଂପୃକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ଅଭିଯୁକ୍ତ ଦୀର୍ଘ ଦିନ ହେବ ଫେରାର ରହିଥିଲେ । ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଜଇପୁରା ଗ୍ରାମର ସେକ ମହତାବ ଓ ତାଜୁଉଦ୍ଦିନ ଖାନଙ୍କୁ ରବିବାର ବିଳମ୍ବିତ ରାତିରେ ସଦର ଥାନା ଅଧିକାରୀ ପବିତ୍ର କୁମାର ମହାରଣା ଅଭିଯୁକ୍ତ ମାନେ ଘରେ ଥିବା ଖବର ପାଇ ତାଙ୍କୁ କାବୁ କରିଥିଲେ । ତେବେ ଏହି ମାମଲାରେ ଏହି ୨ଜଣ ମୁଖ୍ୟ ଆସାମୀ ଥିବାବେଳେ ଅନ୍ୟ ୨ଜଣ ଅଭିଯୁକ୍ତ ଏବେ ମଧ ଫେରାର ଥିବା ଜଣାପଡିଛି । ଏହି ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନଙ୍କ ନାମରେ ଜିଲ୍ଲା ଏବଂ ଜିଲ୍ଲା ବାହାରେ ବିଭିନ୍ନ ଥାନାରେ ଅନେକ ମାମଲା ଥିବା ଜଣାପଡିଛି । ଏମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଏହି ୨ଜଣଙ୍କୁ ଜେଲକୁ ପଠାଇଥିବା ଜଣାପଡିଛି ।

# ରଥଯାତ୍ରା ପ୍ରସ୍ତୁତି : ସାହିର ସ୍ୱେଚ୍ଛାସେବୀ ମାନଙ୍କ ସହିତ ପୋଲିସ ପ୍ରଶାସନର ଆଲୋଚନା

ପୁରୀ,୨୧/୦୬ (ନି.ପ୍ର): ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ଭକ୍ତ ସଂଚାଳନା ନେଇ ବିଭିନ୍ନ ସାହିର ସ୍ୱେଚ୍ଛାସେବୀ ମାନଙ୍କ ସହିତ ଆଲୋଚନା କରିଛି ପୋଲିସ ପ୍ରଶାସନ । ଏହି ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ଛକ ସ୍ଥାନ ଓ କ୍ରସିଂ ମାନଙ୍କରେ ଭକ୍ତ ସଂଚାଳନା କ୍ଷେତ୍ରରେ ପୋଲିସକୁ ସହାୟତା କରିବା ସମ୍ପର୍କରେ ଆଜି ଟାଉନ୍ ଥାନାରେ ଅନୁଷ୍ଠିତ ଏହି ବୈଠକରେ ଆଲୋଚନା ହୋଇଛି । ଅତିରିକ୍ତ ଏସପି ପି.ସି. ବଡଜେନା, ସିଟି ଡିଏସପି ଏବଂ ପୋଲିସର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ ବୋଲି ପୁରୀ ପୋଲିସ ପକ୍ଷରୁ ଏକ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।

# ଭିଟାମିନ୍ -ଇ'ର ଚମତ୍କାରିତା



ଭିଟାମିନ୍-ଇ' କ୍ୟାପସୁଲରେ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅଧିକ ଥାଏ । ଯାହା ଚୁଟି ଏବଂ ଚର୍ମ ପାଇଁଲାଭଦାୟକ ହୋଇଥାଏ । ସବୁଜ ଏବଂ ହଳଦିଆ ରଙ୍ଗର ଏହି କ୍ୟାପସୁଲକୁ ଆପଣ ସହଜରେ ଔଷଧ କିମ୍ବା ଷ୍ଟେସନାରୀ ଦୋକାନରୁ କିଣିପାରିବେ । ଏବେ ଆସନ୍ତୁ ଏହାର ଉପକାରିତା ବିଷୟରେ କିଛି ଜାଣିବା ।

୨-୩ ଟି ଭିଟାମିନ-ଇ କ୍ୟାପସୁଲକୁ ନିଡ଼ିଆତେଲ କିମ୍ବା ଅଲିଭ୍ ଅଏଲରେ ମିଶାଇ ଏହାକୁ ଚୁଟିରେ ଲଗାନ୍ତୁ । ଚୁଟି ଉପୁଡିବା ସମସ୍ୟା କମ ହେବା ସହ ଚମକଦାର ଚୁଟି ପାଇ ପାରିବେ । ଭିଟାମିନ-ଇ କ୍ୟାପସୁଲରେ ଗ୍ଲିସେରିନ, ଗୋଲାପ ଜଳ ଏବଂ ଏଲୋଭେରା ଜେଲ ମିଶାଇ ମୁହଁରେ ଲଗାନ୍ତୁ । ଶୋଇବାକୁ ଯିବା ପୂର୍ବରୁ ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ । କିଛି ଦିନ ଭିତରେ ଫରକ ଜାଣିପାରିବେ । ଶୋଇବାକୁ ଯିବା ପୂର୍ବରୁ ଭିଟାମିନ -ଇ କ୍ୟାପସୁଲରେ ୫ରୁ୬ ବୁନ୍ଦା ବାଦାମ ତେଲ ପକାନ୍ତୁ ଏହି ମିଶ୍ରଣକୁ ଆଖି ତଳେ ଲଗାଇ ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ମୁହଁରୁ ଏହା କୁଞ୍ଚପଣ ଦୂର କରିବାରେ ସାହାଯ୍ୟ କରେ । ଓଠ ଫାଟୁଥିଲେ ଫାଟିବା ସ୍ଥାନରେ ଗୋଟିଏ ଭିଟାମିନ-ଇ କ୍ୟାପସୁଲକୁ ଲଗାନ୍ତୁ ଓଠ ଫାଟିବା ବନ୍ଦ ହେବ । ଶରୀରରେ ଷ୍ଟ୍ରେଚ୍ ମାର୍କ ପଡ଼ିଥିଲେ ନଡ଼ିଆତେଲରେ ୨ଟି ଭିଟାମିନ-ଇ କ୍ୟାପସୁଲ ମିଶାଇ ଲଗାନ୍ତୁ । ଏହା ଷ୍ଟ୍ରେଚ ମାର୍କ ଦୂର କରିବାରେ ସାହାଯ୍ୟ କରେ ।

# ଆମ୍ବ ଦେବ ସୁନ୍ଦର ତ୍ୱଚା

ଖରାଦିନ ଆରମ୍ଭ ହେଉ ହେଉ ଫଳ ରାଜା ଆମ୍ବ ଆସିଯାଏ । ଆମ୍ବରେ ପ୍ରସ୍ତୁତ ଫେସପ୍ୟାକ୍ ଆପଣଙ୍କୁ ସୁନ୍ଦର ଏବଂ ସଫା ଦେଖାଯିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ, ଜାଣିବେ ଆମ୍ବରେ ପ୍ରସ୍ତୁତ ଫେସପ୍ୟାକ୍ ସମ୍ପର୍କରେ....



**ଆମ୍ବ ଦହି ଫେସପ୍ୟାକ୍ :-** ଯଦି ଆପଣଙ୍କ ତ୍ୱଚା ଅଏଲି ହୋଇଥାଏ ଏହି ଫେସପ୍ୟାକ୍ ଭଲ କାମ ଦେଇଥାଏ । ପିଗମେଣ୍ଟେସନ ଓ ଟ୍ୟାନିଂ ଦୂରକରିବାରେ ଏହା ସାହାଯ୍ୟ କରିଥାଏ । ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବ ପଲ୍ପରେ ଦହି ଏକ ଚାମଚ ଓ ମହୁ ମିଶାନ୍ତୁ । ଏହାକୁ ଭଲଭାବେ ମିଶାଇ ମୁହଁରେ ମୋଟା ପରସ୍ତ ଲଗାନ୍ତୁ । ଏହାକୁ ମୁହଁରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଓ ପୁଣି ସଫା ପାଣିରେ ଭଲଭାବେ ଧୋଇଦିଅନ୍ତୁ ।

**ଆମ୍ବ ପଲ୍ପ ଫେସପ୍ୟାକ୍:-** ଯଦି ଆପଣଙ୍କ ରଙ୍ଗ ଏତେ ସଫା ନୁହେଁ, ତେବେ ଆମ୍ବର ଫେସପ୍ୟାକ୍ ବ୍ୟବହାର କରିପାରିବେ । ଆମ୍ବରୁ ରସ କାଢ଼ି ଏହି ରସକୁ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ହାଲକା ଭାବେ ମସାଜ୍ କରନ୍ତୁ । କିଛି ସମୟ ମସାଜ କରିବା ପରେ ୫ରୁ ୭ମିନିଟ୍ ପର୍ଯ୍ୟନ୍ତ ମୁହଁକୁ ଏମିତି ଛାଡ଼ି ଦିଅନ୍ତୁ । ପରେ ଥଣ୍ଡା ପାଣିରେ ମୁହଁକୁ ସଫା କରିଦିଅନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚାରେ ଚମକ ଆସିବା ସହ ସଫା ଦେଖାଯିବେ । ଏହାର ଫଳାଫଳ ଭଲ ପାଇବାକୁ ହେଲେ ଦିନରେ ତିନିଥର କରନ୍ତୁ ।

**ଆମ୍ବ ଓ ବେସନ ପ୍ୟାକ୍:-** ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବରସ ଦୁଇ ଚାମଚ ବେସନ ଓ ଅଧା ଚାମଚ ମହୁ, କିଛି ପେସା ହୋଇଥିବା ପେସ୍ତା, ବାଦାମ । ଏକ ପାତ୍ରରେ ଆମ୍ବରସ ପକାନ୍ତୁ, ଏହାପରେ ବେସନରେ ପେସା ହୋଇଥିବା ବାଦାମ ଓ ମହୁ ପକାନ୍ତୁ । ଏବେ ଏହାକୁ ମିଶାଇ ଭଲଭାବେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ ଏହି ପେଷ୍ଟକୁ ଲଗାଇ ୧୦-୧୨ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ । ଏହି ପ୍ୟାକ୍କୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ ।

# ଏକମାସ ମଧ୍ୟରେ ଓଜନ କମ କରିବେ କିପରି

ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....



**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ ।



ଓଜନ କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି



ଅକ୍ସିଡାଣ୍ଟ ରହିଛି, ଯାହା ୱେଟ୍ ଲସ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।



**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନା ଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ ରକ୍ଷା କରିଥାଏ ।



# ବ୍ରାଉନ୍ ବ୍ରେଡ ବନାମ ହ୍ୱାଇଟ୍ ବ୍ରେଡ୍ : କେତେ ଭଲ କେତେ ଖରାପ



ସ୍ୱାସ୍ଥ୍ୟକୁ ନେଇ ପ୍ରାୟତଃ ସମସ୍ତେ ସଚେତନ। କେବଳ ସୁନ୍ଦରତାକୁ ଦେଖି ଖାଦ୍ୟ ଚୟନ କରାଯାଏ ନାହିଁ, ଖାଇବା ପୂର୍ବରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ କେତେ ଭଲ କେତେ ଖରାପ ତାହା ମଧ ଚିନ୍ତା କରିବାକୁ ପଡେ। ଆଜିକାଲି ଲୋକେ ଅଧିକାଂଶ ହ୍ୱାଇଟ୍ ବ୍ରେଡକୁ ରିଜେକ୍ଟ କରି ବ୍ରାଉନ ବ୍ରେଡ୍କୁ ବାଛିଲେଣି। ତେବେ କାହିଁକି ଲୋକେ ହ୍ୱାଇଟ୍ ବ୍ରେଡ ବଦଳରେ ବ୍ରାଉନ ବ୍ରେଡ୍ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି, ଆସନ୍ତୁ ଜାଣିବା।

ଜଣାଶୁଣା ଆୟୁର୍ବେଦିକ ଡାକ୍ତର ଅବରାର ମୁଲତାନିଙ୍କ କହିବା ମୁତାବକ, ବାସ୍ତବରେ ମାରାତ୍ମକ ରେଜେଣ୍ଟସ୍ ପୋଟାସିୟମ୍ ବ୍ରୋମେଟ୍ ଏବଂ ପୋଟାସିୟମ୍ ଆୟୋଡାଇଡ୍ ହ୍ୱାଇଟ୍ ବ୍ରେଡ୍ରେ ମିଶାଯାଇଥାଏ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ବ୍ରାଉନ୍ ବ୍ରେଡ୍ରେ ହ୍ୱାଇଟ୍ ବ୍ରେଡ୍ ତୁଳନାରେ ଅଧିକ ପୋଷକ ତତ୍ତ୍ୱ ରହିଛି। ହ୍ୱାଇଟ୍ ବ୍ରେଡ୍କୁ ଖାଇବା ମାତ୍ରେ ବ୍ଲଡ ସୁଗାର ଲେବୁଲ ଓ ଇନ୍ସୁଲିନ୍ ଦ୍ରୁତ ଗତିରେ ବଢ଼ିଥାଏ। ପ୍ରତି ଦିନ ଦୁଇ ଖଣ୍ଡରୁ ଅଧିକ ହ୍ୱାଇଟ୍ ବ୍ରେଡ୍ ଖାଉଥିବା ବ୍ୟକ୍ତିଙ୍କ ଓଜନ ବଢ଼ିବା ଆଶଙ୍କା ୪୦% ଅଧିକ ରହିଛି। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍ଭିରୋମେଣ୍ଟର (CSE) ଏକ ଅଧ୍ୟୟନ ଅନୁଯାୟୀ ସମସ୍ତ ପ୍ରକାରର ବ୍ରେଡ୍ (ଧଳା, ବାଦାମୀ, ମଲ୍ଟିଗ୍ରେନ୍, ଗହମ, ବନ୍ ଏବଂ ପିଜା ବେସ୍) ରେ କର୍ସିନୋଜେନ୍ସ କେମିକାଲ ପଦାର୍ଥ ଥାଏ ଯାହା କ୍ୟାନ୍ସର ଏବଂ ଥାଇରଏଡ୍ ରୋଗର କାରଣ ହୋଇଥାଏ। ବଜାରରେ ବିକ୍ରି ହେଉଥିବା ସମସ୍ତ ବ୍ରେଡ୍ ନମୁନା ମଧ୍ୟରୁ ୮୪% ରେ ପୋଟାସିୟମ୍ ବ୍ରୋମେଟ୍ ଏବଂ ପୋଟାସିୟମ୍ ଆୟୋଡାଇଡ୍ ଥାଏ। ଏହି ଅକ୍ସିଡାଇଜିଙ୍ଗ ଏଜେଣ୍ଟଗୁଡିକୁ ଅନେକ ଦେଶରେ ବ୍ୟାନ୍ କରାଯାଇଛି। ଏହାର ବ୍ୟବହାର ବ୍ରେଡ୍କୁ ଫୁଲାଇବା, ନରମ ଏବଂ ଏକ ଭଲ ଫିନିସିଂ ଦେବା ପାଇଁ କରାଯାଏ। ହ୍ୱାଇଟ୍ ବ୍ରେଡ୍କୁ ତିଆରି କରିବା ବେଳେ ଗହମରୁ ଚୋକଡ ଅଂଶ ଏବଂ ମଞ୍ଜିକୁ ବାହାର କରିଦିଆଯାଏ ଏବଂ ପୋଟାସିୟମ୍, ବ୍ରୋମେଟ୍, ବେନୋଜୋଏଲ୍ ପେରକ୍ସାଇଡ୍ ଏବଂ କ୍ଲୋରାଇନ୍ ଡାଇଅକ୍ସାଇଡ୍ ସହ ବ୍ଲିଚ୍ ମିଶାଇ ଦିଆଯାଏ। ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ବ୍ରାଉନ ବ୍ରେଡ ତିଆରି କରିବାବେଳେ, ଗହମର ଚୋକଡ ଅଂଶକୁ କାଢ଼ାଯାଏ ନାହିଁ। ଯେଉଁଥିପାଇଁ ବ୍ରାଉନ୍ ବ୍ରେଡ୍ରେ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ।

# ସ୍ୱାସ୍ଥ୍ୟ ପାଇଁ ହାନିକାରକ ତମାଖୁ



ତମାଖୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏକ ସ୍ୱଚ୍ଛ ଅକ୍ଷରରେ ତମାଖୁର ପ୍ୟାକେଟ୍ ଉପରେ ଲେଖା ହେବା ପରେ ମଧ କୌଣସି ଲୋକ ଏହାର ପଢ଼ି ଗଭୀରତାର ସହ ନେଉ ନାହାଁନ୍ତି । ଯଦି ଆପଣଙ୍କର ଏହା ନିଶା ହୋଇଥାଏ ତେବେ ଆପଣ ଆପଣଙ୍କ ଜୀବନକୁ ନିଜ ହାତରେ ନଷ୍ଟ କରୁଛନ୍ତି । ଏହା ନା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ କରେ ତାର ମସ୍ତିଷ୍କକୁ ମଧ ପ୍ରଭାବିତ କରେ । ତମାଖୁରେ ଲକ୍ଷ୍ୟାଧିକ ଲୋକ କେତେକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇ ଯାଉଛନ୍ତି । ଏଥିପାଇଁ ପୂରା ଦୁନିଆରେ ବହୁତ ଅଭିଯାନ ମଧ କରାଯାଉଛି । ଏମିତି ଯେ ତମାଖୁ ଯୋଗୁଁ ପୁରୁଷ ଅପେକ୍ଷା ମହିଳାମାନେ ବେଶୀ ପ୍ରଭାବିତ । ଆମେରିକାର ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆମେରିକାର ମହିଳାମାନେ ପାକସ୍ଥଳୀ କର୍କଟ ରୋଗରେ ବେଶୀ ଆକ୍ରାନ୍ତ ହେଉଛନ୍ତି । କିଛି ବର୍ଷ; ପୂର୍ବରୁ ଏହି ରୋଗ ପୁରୁଷମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଥିଲା । ଏହି ଗବେଷଣା ଆମେରିକାନ ସୋସାଇଟି ଓ ରାଷ୍ଟ୍ରୀୟ କ୍ୟାନସର ସଂସ୍ଥା ଦ୍ୱାରା କରାଯାଇଛି । ତମାଖୁରେ କ୍ୟାନସର ଜୀବାଣୁକୁ ଜନ୍ମ ଦେବା ତତ୍ତ୍ୱମାନେ ହେଲେ ନିକୋଟିନ, ନାଇଟ୍ରୋସାମାଇନ୍ସ, ଆର୍ସେନିକ୍ ଓ କୋମିୟମ । ନିକୋଟିନ କ୍ୟାଡ଼ିୟମ ଓ କାର୍ବନମୋଲୋ ଆକ୍ସାଇଡ ସ୍ୱାସ୍ଥ୍ୟ ପାଇଁ ବେଶୀ ହାନିକାରକ ।

# ଘରକୁ ଥଣ୍ଡା ରଖିବାକୁ ହେଲେ...

ଖରାଦିନେ ଗରମ ବଢ଼ିବା ସହ ତାପମାତ୍ରା ବଢ଼ିଥାଏ। ଏମିତିରେ ଘରେ ରହିବା କଷ୍ଟକର ହୋଇପଡ଼ିଥାଏ। ପ୍ରାୟ ଲୋକ ଏଥିଲାଗି ଘରେ ଏସି ଲଗାଉଛନ୍ତି; ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେଣୁ ଘରେ କିଛି ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତୁ ଯାହାର ଭଲ ଉପାୟ ହେଲା ବୃକ୍ଷ ଲଗାଇବା ଏହାଦ୍ୱାରା ଗରମରୁ ମୁକ୍ତି ମିଳିପାରିବ । ତେବେ ଜାଣନ୍ତୁ ଏ ସମ୍ପର୍କରେ....



**ସ୍ନେକ୍ପ୍ଲାଣ୍ଟ:-** ଏହା ଏକ ପ୍ରକାର ଗଛ । ଅନ୍ୟ ଗଛ ଭଳି ସ୍ନେକ୍ ପ୍ଲାଣ୍ଟ ରାତିରେ ଅକ୍ସିଜେନ ଛାଡ଼ିଥାଏ ଓ ତାପମାନକୁ କମାଇଥାଏ । କେବଳ ଏହା ନୁହେଁ, ଏହି ଗଛ ନାଇଟ୍ରୋଜେନ ଅକସାଇଡ, ଟ୍ରାଇକ୍ଲୋର ଏଥିଲିନ୍, ଟୋଲ୍ୟୁନି ଆଦି ଗ୍ୟାସକୁ ଶୋଷିଥାଏ ବାୟୁକୁ ଶୁଦ୍ଧ କରିଥାଏ ।



**ଫିଚୁସ ଟ୍ରି :-** ଏହା ବିପିଂ ଫିଗ୍ ନାମରେ ଜଣାଶୁଣା । ଏହା ରୁମର ବାୟୁକୁ ସଫା କରିଥାଏ । ଗରମକୁ ଶୋଷିନେଇଥାଏ । ଏହାର ଦେଖାଶୁଣା କରିବା ବହୁତ ସହଜ ହୋଇଥାଏ। ଏହା କମ ଆଲୋକ ଏବଂ କମ୍ ପାଣିରେ ମଧ ବଞ୍ଚିପାରେ । ବେବି ରବର ପ୍ଲାଣ୍ଟ ଯେତେବେଳେ ଏହି ପ୍ଲାଣ୍ଟର କଥା ଆସେ ଯାହା ରୁମକୁ ଥଣ୍ଡା ରଖେ ଓ ବାୟୁକୁ ପ୍ରଦୂଷଣ ମୁକ୍ତ କରିଥାଏ । ଏଥିରେ ପ୍ରତିଦିନ ପାଣି ଦେବା ଆବଶ୍ୟକ ହୁଏ ନାହିଁ । ଏହାକୁ ଭଲ ମାଟି ଓ ଫିଲ୍ଟର୍ଡ ଲାଇଟର ଆବଶ୍ୟକ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ମୌସୁମୀ ବାୟୁ...

ଖରିଫ ଫସଲ ଚାଷର ଋତୁ ଆରମ୍ଭ ହୋଇସାରିଛି । ସମସ୍ତେ ଜାଣନ୍ତି ଯେ ଏଇ ଫସଲର ସଫଳତା ଅନେକାଂଶରେ ନିର୍ଭର କରେ ସ୍ୱାଭାବିକ ମୌସୁମୀ ବର୍ଷା ଉପରେ । ଚାରି ପାଂଚ ଦିନ ପୂର୍ବେ ଓଡ଼ିଶାରେ ମୌସୁମୀ ପ୍ରବେଶ କରିଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲା ଭାରତୀୟ ପାଣିପାଗ ବିଭାଗର ଆଂଚଳିକ କେନ୍ଦ୍ର । ଏଥିରେ ସତ୍ୟତା ମଧ୍ୟ ରହିଛି । ରାଜ୍ୟର ପ୍ରାୟ ଅନେକ ଅଂଚଳକୁ ମୌସୁମୀର ବର୍ଷା ଛୁଇଁ ସାରିଲାଣି । ତେବେ ସାରା ଦେଶରେ ୨୦୨୨ ଖରିଫ୍ ଋତୁର ଆରମ୍ଭ ଭଲ ଭାବରେ ହୋଇନାହିଁ । କୃଷି ବିଭାଗର ସୂଚନା ଅନୁସାରେ, ଗତବର୍ଷ ତୁଳନାରେ ଏହି ଋତୁର ପ୍ରଥମ ପନ୍ଦର ଦିନ ଭିତରେ ପ୍ରାୟ ୨୨ ପ୍ରତିଶତ କମ୍ ଫସଲ ବୁଣା ହୋଇଛି । ଆଉ ଏଥିପାଇଁ ମୌସୁମୀ ବର୍ଷା ହିଁ ଏକମାତ୍ର କାରଣ ବୋଲି ବିଶେଷଜ୍ଞମାନେ ବିଚାର କରୁଛନ୍ତି । ଅବଶ୍ୟ ଖରିଫ ଫସଲ ବୁଣାରେ ବିଳମ୍ବ ଘଟିବାର ଅନ୍ୟ ଏକ କାରଣ ରହିଛି, ଯାହା ହେଉଛି, ପ୍ରାକ୍- ମୌସୁମୀ ବୃଷ୍ଟିପାତରେ ଅଭାବ ଯୋଗୁଁ କୃଷି କ୍ଷେତ୍ରଗୁଡ଼ିକରେ ଆବଶ୍ୟକୀୟ ଆର୍ଦ୍ରତାର ଅଭାବ । ଭାରତୀୟ କୃଷି ଗବେଷଣା ପରିଷଦର କୃଷି-ପାଣିପାଗ ଉପରେ କାମ କରୁଥିବା ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପର ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ବଳଙ୍କ କହିବା ଅନୁସାରେ, ଯଦିଓ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ କେରଳରେ ପ୍ରାୟ ଠିକ୍ ସମୟରେ ପ୍ରବେଶ କରି ସାରିଲାଣି, ଦକ୍ଷିଣ ଭାଗରେ ଅବସ୍ଥିତ ମାଳ ଅଂଚଳ ଏବଂ କେନ୍ଦ୍ରୀୟ ଭାରତର ଅଂଚଳଗୁଡ଼ିକ ଜୁନ୍ ୧୨ ତାରିଖ ସୁଦ୍ଧା ଯଥାକ୍ରମେ ୪୧ ଏଏବଂ ୬୯ପ୍ରତିଶତ କମ୍ ବୃଷ୍ଟିପାତ ଲାଭ କରିଥିଲେ । ସୂଚନା ଦିଆଯାଇପାରେ କି, ଚଳିତ ବର୍ଷ ସ୍ୱାଭାବିକ ତାରିଖ ଜୁନ୍ ୧ର ତିନିଦିନ ପୂର୍ବରୁ ମୌସୁମୀ କେରଳରେ ପହଂଚିଥିଲା । ଏହା ପରଠାରୁ ପଶ୍ଚିମକୁ ମୌସୁମୀର ଗତି ଠିକ୍ ସମୟରେ ହୋଇଛି ସତ, କିନ୍ତୁ ଯେତିକି ଶକ୍ତି ସାମର୍ଥ୍ୟର ସହିତ ହେବା କଥା, ତାହା ହୋଇନାହିଁ । ପରିଣତିରେ, ଦେଶର ଦକ୍ଷିଣ ଓ କେନ୍ଦ୍ର ଭାଗକୁ ବାଦ୍ ଦେଲେ ପୂର୍ବ ଓ ଉତ୍ତର-ପୂର୍ବ ଭାଗ ଅତ୍ୟଧିକ ବୃଷ୍ଟିପାତଜନିତ ବିଲକୁଲ ବିପରୀତ ସମସ୍ୟାକୁ ସାମନା କରୁଛନ୍ତି; ଆସାମ ଏବଂ ମେଘାଳୟରେ ବନ୍ୟାର ଜଳ ପ୍ରାୟ ସବୁ ଗ୍ରାମାଂଚଳକୁ କବଳିତ କରିଛି । ଦେଶର ଉତ୍ତରପଶ୍ଚିମ ଭାଗରେ ଏ ପର୍ଯ୍ୟନ୍ତ ମୌସୁମୀ ବର୍ଷା ପ୍ରବେଶ କରିନାହିଁ । ତେଣୁ ଏହି ଅଂଚଳରେ ଏବେ ବି ଗ୍ରୀଷ୍ମ ଲହରୀ ବଜାୟ ରହିଛି ଏବଂ ବୃଷ୍ଟିପାତର ନିଅଂଟ ୩୩ ପ୍ରତିଶତ ହୋଇଛି । ଭାରତରେ ଖରିଫ ମୁଖ୍ୟ ଫସଲ ହୋଇଥିବାବେଳେ ଏହାର ଚାଷ ପାଇଁ ମୌସୁମୀ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ମୌସୁମୀ ବର୍ଷାର ଆରମ୍ଭ ମାସ ଜୁନ୍‌ରେ ସ୍ୱାଭାବିକ ବୃଷ୍ଟିପାତ ନହେବା ଅନେକ ମହଲରେ ଚିନ୍ତାର କାରଣ ପାଲଟିଛି । ତେବେ ଏଭଳି ଏକ ସନ୍ଧିକ୍ଷଣରେ ଚିନ୍ତିତ ହେବାର କ୍ୱଚିତ୍ କିଛି ରହିଛି । ଜୁନ୍ ମାସରେ ମୌସୁମୀଜନିତ ବୃଷ୍ଟିପାତ, ବିଶେଷକରି ପ୍ରଥମ ପନ୍ଦର ଦିନ ଭିତରେ ସାଧାରଣତଃ ବିକ୍ଷିପ୍ତ ପରିମାଣର ହେବାର ଇତିହାସ ରହିଛି ଏବଂ ଏହି ଭିତରେ ସାମଗ୍ରୀକ ମୌସୁମୀ ବୃଷ୍ଟିପାତ ସାଧାରଣତଃ ୧୮ ପ୍ରତିଶତ କମ୍ ହୋଇଥାଏ । ପାଣିପାଗ ବିଶାରଦମାନଙ୍କ କହିବା କଥା, ମୌସୁମୀ ବୃଷ୍ଟିପାତର ସାମଗ୍ରୀକ ପ୍ରଦର୍ଶନ ସହିତ ଏହାର ଆଗମନ ଓ ବୃଷ୍ଟିପାତ ପରିମାଣର ସେପରି ବିଶେଷ ସମ୍ପର୍କ ରହିନଥାଏ । ଯେହେତୁ ଏହି ମାସରେ ବୃଷ୍ଟିପାତର ପରିମାଣକୁ ନେଇ ବିଭିନ୍ନ ଅଂଚଳରେ ଭିନ୍ନତା ଦେଖିବାକୁ ମିଳିଥାଏ, ତେଣୁ ପରବର୍ତ୍ତୀ ଦୁଇ ମାସ ଜୁଲାଇ ଓ ଅଗଷ୍ଟ ଭଳି ଏ ମାସକୁ ନେଇ ପାଣିପାଗ ବିଭାଗ କୌଣସି ପ୍ରକାରର ଭବିଷ୍ୟବାଣୀ କରିନଥାଏ । ପରବର୍ତ୍ତୀ ଦୁଇଗୋଟିଯାକ ମାସକୁ ମୌସୁମୀ ବର୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଥାଏ, କାରଣ ଏହି ଦୁଇ ମାସରେ ହିଁ ମୋଟ ମୌସୁମୀ ବର୍ଷାର ଦୁଇ ତୃତୀୟାଂଶ ପରିମାଣ ଲାଭ ହୋଇଥାଏ । ଅତଏବ, ଏହି ମାସ ଦ୍ୱୟରେ ଆବଶ୍ୟକୀୟ ପରିମାଣର ବର୍ଷାଭାବ କୃଷି କ୍ଷେତ୍ର ପାଇଁ ବିପଦ ସଙ୍କେତ ବହନ କରି ଆଣିଥାଏ ଏବଂ ଏହି ମାସମାନଙ୍କରେ ଅତ୍ୟନ୍ତ ସ୍ୱଳ୍ପ ବୃଷ୍ଟିପାତ ମରୁଡ଼ିକୁ ଆମନ୍ତ୍ରଣ କରିଥାଏ । ବସ୍ତୁତଃ, ଜୁଲାଇ ଅଗଷ୍ଟ ମାସର ବର୍ଷାକୁ ନେଇ ଏବେଠୁ ଚିନ୍ତା ଆରମ୍ଭଭ ହୋଇଛି । ମେ' ୩୧ ତାରିଖରେ ଏହାର ସତ୍ୟତମ ଭବିଷ୍ୟବାଣୀରେ ଆଇଏମଡି ଚଳିତ ବର୍ଷ ପାଇଁ ଏକ ସକାରାତ୍ମକ ଚିତ୍ର ପ୍ରଦାନ କରିଥିଲା । ଏହା କହିଥିଲା ଯେ ଦାକ୍ଷିଣାତ୍ୟର ମାଳ ଅଂଚଳକୁ ମିଶାଇ କେନ୍ଦ୍ର ଭାରତ 'ସ୍ୱାଭାବିକଠାରୁ ଅଧିକ' ପରିମାଣର ବୃଷ୍ଟିପାତ ଲାଭ କରିବାକୁ ଯାଉଥିବାବେଳେ ସମଗ୍ର ଦେଶରେ ସମ୍ପୂର୍ଣ୍ଣ ମୌସୁମୀ ଋତୁ, ଅର୍ଥାତ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ବୃଷ୍ଟିପାତ ଦୀର୍ଘକାଳୀନ ହାରାହାରିର ୧୦୩ ପ୍ରତିଶତ ହେବାର ସମ୍ଭାବନା ରହିଛି । ପୂର୍ବ ବର୍ଷମାନଙ୍କରେ ମଧ୍ୟ ପାଣିପାଗ ବିଭାଗ ଏହିଭଳି 'ସ୍ୱାଭାବିକ' ଓ ସ୍ୱାଭାବିକଠାରୁ ଅଧିକ' ବୃଷ୍ଟିପାତ ହେବା ନେଇ ଭବିଷ୍ୟବାଣୀ କରିଥିଲା । ପରନ୍ତୁ, ବାସ୍ତବ କ୍ଷେତ୍ରରେ ଜୁଲାଇ ଓ ଅଗଷ୍ଟ ମାସରେ କମ୍ ବର୍ଷା ଏବଂ ସେପ୍ଟେମ୍ବର ମାସରେ ହଠାତ୍ ପ୍ରବଳ ବର୍ଷା ହୋଇ ଅନେକ ଧନ ଜୀବନ ହାନି କରିବା ଦେଖାଯାଇଆସିଛି । ମୌସୁମୀ ବର୍ଷାର ଏପରି ସ୍ୱଭାବ ହୁଏତ ଏହାର ଆବଶ୍ୟକତା ଦୃଷ୍ଟିରୁ କୃଷି ସମେତ ଅନ୍ୟାନ୍ୟ କ୍ଷେତ୍ରକୁ ପରିମାଣାତ୍ମକ ଦିଗରୁ ଯଥେଷ୍ଟ ଉପକାର ପହଂଚାଇପାରେ, କିନ୍ତୁ ଖରିଫ୍ ଫସଲ ବୁଣିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ନକରିବା ଯୋଗୁଁ ଏଥିପାଇଁ ସେତେ ଲାଭଜନକ ହେବା ବିବେଚନା କରାଯାଇପାରିବ ନାହିଁ ।

# ଅଗ୍ନିପଥ ପ୍ରତି ବିମୁଖ ବିଚାର ବିମର୍ଷ



ଡକ୍ଟର ଲକ୍ଷ୍ମଣ ସାହୁ



ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ହିମାଚଳ ପ୍ରଦେଶ ଓ ଅନ୍ୟ ରାଜ୍ୟମାନଙ୍କ ସହିତ ସେନାର ସମସ୍ତ ତିନି ପକ୍ଷର ମୁଖ୍ୟଙ୍କ ଉପସ୍ଥିତିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଦ୍ୱାରା ଘୋଷିତ ଅଗ୍ନିପଥ ଯୋଜନାକୁ ବିରୋଧ କରି ଦେଶରେ ଏକ ପ୍ରକାର ବିଶୃଙ୍ଖଳା ଦେଖାଦେଇଛି । ବିଶେଷ କରି ସେନାବାହିନୀରେ ଯୋଗଦେବାକୁ ଇଚ୍ଛା କରୁଥିବା ଯୁବକମାନଙ୍କୁ ଯେଉଁ ଉପାୟରେ ନିରୁତ୍ସାହିତ କରାଯାଉଛି ତାହା ଖୁବ୍ ନିନ୍ଦନୀୟ ଓ ଦୁଃଖଦାୟକ ଘଟଣା ।

ଅଗ୍ନିପଥକୁ ବିରୋଧ କରି ଅନେକ କ୍ଷୟକ୍ଷତି ଚାଲିଛି । ଏହି ହିଂସାରେ, ଟ୍ରେନ୍ ବ୍ୟତୀତ, ଅନ୍ୟ ସରକାରୀ ତଥା ଅଣ-ସରକାରୀ ସମ୍ପତ୍ତିରେ ବ୍ୟାପକ କ୍ଷତି ଘଟାଇବା ସହିତ ପୋଲିସ୍ କିପରି ଟାର୍ଗେଟ କରାଯାଉଛି । ସେମାନେ କିପରି ଅରାଜକତା ବ୍ୟତୀତ ଅନ୍ୟ କିଛି ହୋଇପାରିବେ, ସର୍ବଶେଷରେ, ଏହିପରି ଯୁବକ ସୈନିକମାନେ କିପରି ସୈନିକ ହେବାକୁ ଯୋଗ୍ୟ ହୋଇପାରୁବେ ? ଏହି ଯୁବକମାନଙ୍କ ସହିତ ଦେଶର ସାଧାରଣ ଜନତା ଏବଂ ଦଳଗୁଡିକ ବୁଝିବା ଆବଶ୍ୟକ ଯେ ଦେଶ ଏମାନଙ୍କୁ କେତେ ଚାହୁଁଛି ।

ବର୍ତ୍ତମାନ ସୈନିକମାନଙ୍କ ପାଇଁ ବୈଷୟିକ ଏବଂ ସମସ୍ତ ପ୍ରକାରର କୌଶଳ ସହିତ ସଜ୍ଜିତ ହେବା ବାଧ୍ୟତାମୂଳକ ହୋଇଛି । ଭବିଷ୍ୟତ ଯୁଦ୍ଧରେ ସୈନ୍ୟବାହିନୀ ମୁହାଁମୁହିଁ ହେବେ ନାହିଁ ଟେକ୍ନୋଲୋଜି ମାଧ୍ୟମରେ ସେମାନଙ୍କୁ ଯୁଦ୍ଧ କରାଯିବ, ଯେଉଁଥିରେ ଉଭୟଙ୍କ ଭୂମିକା ଅଧିକ ହେବ । ଯୁଦ୍ଧର ଅତ୍ୟାଧୁନିକ ଜ୍ଞାନ କୌଶଳ ସହିତ ଭାରତୀୟ ସୈନ୍ୟବାହିନୀ କରାଯାଇପାରିବ ଯେତେବେଳେ ସୈନିକଙ୍କ ସଂଖ୍ୟା ହ୍ରାସ କରିବାର ଆବଶ୍ୟକତା ରହିଛି । ଯାହା ଫଳରେ ସେମାନଙ୍କର ଦରମା ଏବଂ ଖର୍ଚ୍ଚ ହ୍ରାସ ପାଇବ । କେବଳ ମାତ୍ର ଶକ୍ତିର ଆଧୁନିକୀକରଣ ପାଇଁ ଆବଶ୍ୟକ ପାଣ୍ଠିର ବ୍ୟବସ୍ଥା କରାଯାଇପାରିବ । ମନେ ରଖିବାକୁ ହେବ ଯେ ଭାରତ ଆମେରିକା ପରି ଏକ ସମୃଦ୍ଧ ଦେଶ ହୋଇପାରେ ସତ, କିନ୍ତୁ ଆର୍ଥିକ ଦୃଷ୍ଟିରୁ ଏକ ଶକ୍ତିଶାଳୀ ଦେଶ ନୁହେଁ ।

ଏଭଳି ପରିସ୍ଥିତିରେ ଏହାକୁ ସଶସ୍ତ୍ର ବାହିନୀର ଆଧୁନିକୀକରଣରେ ବ୍ୟବହାର କରାଯିବା ଉଚିତ ଅଟେ । ନୂତନ ରେଜିମେଣ୍ଟ ବଢ଼ାଇବାରେ ନୁହେଁ, ଏହା ବୁଝିବା ଉଚିତ ଯେ ସୈନିକ ହେବା ସରକାରୀ କାର୍ଯ୍ୟ ନୁହେଁ । ସୈନିକ ହେବାକୁ ଇଚ୍ଛା କରୁଥିବା ସେହି ଯୁବକମାନେ ଦେଶର ସୁରକ୍ଷା ପାଇଁ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି । ଏହି ଜନ୍ମ ତାଙ୍କୁ ଏକ ଚତୁର ଦେଶପ୍ରେମୀ ସୈନିକ ଭାବରେ ପ୍ରତିଷ୍ଠା ଦେବାରେ ସହଯୋଗ କରିଥାଏ । ଯେଉଁମାନେ ଅଗ୍ନିପଥ ଯୋଜନା ବିରୁଦ୍ଧରେ ହିଂସା କରୁଛନ୍ତି ସେମାନଙ୍କ ମନୋଭାବ ଦର୍ଶାଉଛି ଯେ ସେମାନେ ସାଧାରଣ ସରକାରୀ ଚାକିରି ଭାବରେ ସେନାରେ ନିଯୁକ୍ତିକୁ ବିଚାର କରୁଛନ୍ତି । ଅନୁଶାସନ ଓ ସଂଯମତା ହେଉଛି ଜଣେ ସୈନିକର ପ୍ରାଥମିକ ଗୁଣ । ସର୍ବଶେଷରେ, ଦେଶରେ ଯୁବକମାନେ କିପରି ଶୃଙ୍ଖଳିତ ହେବେ ବୋଲି ଆଶା କରାଯାଏ । ଯେଉଁମାନେ ରାସ୍ତାରେ ଅରାଜକତା ସୃଷ୍ଟି କରୁଛନ୍ତି ଓ ଜାତୀୟ ଧନ ଖର୍ଚ୍ଚ କରୁଛନ୍ତି ଥରେ ଚିନ୍ତା କରିବା ଉଚିତ ? ପୂର୍ବତନ ଆର୍ମି ଷ୍ଟାଫ୍ ଜେନେରାଲ୍ ବେଦ ପ୍ରକାଶ ମଲିକ୍ ସଠିକ୍ ଭାବରେ କହିଛନ୍ତି ଯେ ଅଗ୍ନି ବିରୋଧରେ ଯାହା ଘଟୁଛି ତାହା ଦଙ୍ଗା ବ୍ୟତୀତ ଅନ୍ୟ କିଛି ବୋଲି କୁହାଯାଇପାରିବ ନାହିଁ । ଏଭଳି ଅଶାନ୍ତିପୂର୍ଣ୍ଣ ଉପାଦାନଗୁଡ଼ିକ ସେନାରେ ଯୋଗଦେବା ପାଇଁ ଯୋଗ୍ୟ ନୁହେଁ ?।

ସାଧାରଣତଃ ୩୦ - ୩୨ ବର୍ଷର ସୈନିକ ଅଛନ୍ତି ଓ ସେମାନଙ୍କର ମଧ୍ୟ ସନ୍ତାନ ଅଛି । ଫଳସ୍ୱରୂପ, ଅବିବାହିତ ଓ ନାବାଳକ ସୈନିକମାନଙ୍କ ପରି ସେମାନଙ୍କର ସମାନ ରିସ୍କ ନେବା କ୍ଷମତା ନାହିଁ । ଯୁବକମାନେ ମଧ ଅଧିକ ଉତ୍ସାହୀ ଅଟନ୍ତି । ଏସବୁରୁ ମଧ ବୁଝିହେବ ଯେ କ୍ରୀଡା ଜଗତରେ ୨୨ - ୨୪ ବର୍ଷର ଖେଳାଳିମାନେ ୩୦ - ୩୨ ବର୍ଷର ଖେଳାଳିଙ୍କ ତୁଳନାରେ ଅଧିକ । ଦେଶର ସୁରକ୍ଷା ପାଇଁ ଆମର ସୈନିକମାନେ ଯୁବକ, ଚତୁର , ବୁଦ୍ଧିମାନ, କୁଶଳୀ ଓ ବିପଦ ସହ ଖେଳିବାକୁ ପ୍ରସ୍ତୁତ ହେବା ଆବଶ୍ୟକ । ଆଜି ଚୀନ୍ ପାକିସ୍ତାନ ସହିତ ଭାରତ ପାଇଁ ଏକ ବଡ ଆହ୍ୱାନ ପାଲଟିଛି । ସେମାନେ ନିଜ ସେନାକୁ ଆଧୁନିକୀକରଣ କରିବା ପାଇଁ ଦ୍ରୁତ ଗତିରେ ଆଗକୁ ଆଗକୁ ଆଗାଉଛନ୍ତି । ଭାରତ ମଧ ସମାନ କାର୍ଯ୍ୟ କରିବା ଉଚିତ ମନେ ହୁଏ । ଅଗ୍ନିପଥ ଏଥିରେ ସାହାଯ୍ୟ କରିବ । ଏହି ଯୋଜନାର ଏକ ଲାଭ ମଧ ହେବ ଯେ ସେଥିରେ ଯୁବକମାନେ ଶୃଙ୍ଖଳିତ ହେବ ।

ଦେଶର ସେବାରେ ପ୍ରତିବଦ୍ଧ ଯୁବକମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିବ । ଯେଉଁମାନେ ସେନାରେ ତାଲିମ ପ୍ରାପ୍ତ ହେବେ, ସେମାନେ ଅଧିକ ଶୃଙ୍ଖଳିତ ଓ ମାନସିକ ସ୍ତରରେ ମଧ ଶକ୍ତିଶାଳୀ ହେବେ । ସେମାନେ ଉପଯୁକ୍ତ ଆଦର୍ଶଗତ ଚରିତ୍ରର ଗୁଣଗୁଡ଼ିକ ସହିତ ସଜ୍ଜିତ ହେବେ, ଯାହା ରାଷ୍ଟ୍ର ନିର୍ମାଣରେ ସହାୟକ ହେବ । ଏହା ଅନୁମାନ କରିବା ଠିକ ନୁହେଁ ଯେ, ଆଗ୍ନିପଥ ସ୍କିମ୍ ଅଧୀନରେ ଚାରି ବର୍ଷ ଧରି ଆଗ୍ନିଭର୍ ଭାବେ ସକ୍ରିୟ ହେବା ପରେ, ସେମାନଙ୍କୁ ଯିବାର ସୁଯୋଗ ମିଳିବ ନାହିଁ ବୋଲି ଯୁକ୍ତି କରାଯାଉଛି ତାହା ବାସ୍ତବରେ ଠିକ୍ ନୁହେଁ । ବରଂ ସେମାନେ ସହଜରେ ପାରା ସାମରିକ ବାହିନୀ ବା ପୋଲିସରେ ଯୋଗ ଦେଇପାରିବେ । ଏହା ବ୍ୟତୀତ ସେମାନଙ୍କୁ ଅନେକ ସୁଯୋଗ ମଧ ମିଳିବ । କାରଣ କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ମଧ ଏଥିପାଇଁ ଅଧିକ ବ୍ୟବସ୍ଥା କରୁଛନ୍ତି । ଏହା ବ୍ୟତୀତ ଘରୋଇ କ୍ଷେତ୍ର ( ବେସରକାରୀ ସଂସ୍ଥା ) ମଧ ଏଥିପାଇଁ ଉଦ୍ୟମ କରୁଛି । ଅନେକ ଯୋଗ୍ୟ ଯୁବକମାନଙ୍କ ଅଭାବରୁ ଶିକ୍ଷ ସଂସ୍ଥାଗୁଡ଼ିକ ଅଭିଯୋଗ କରୁଛନ୍ତି । ଆଗ୍ନେଭିର୍ ସହିତ ପରବର୍ତ୍ତୀ ସମୟରେ ଶିକ୍ଷ ସଂସ୍ଥାକୁ ମଧ ଅପସାରଣ କରାଯାଇପାରିବ ।

ସବୁଠାରୁ ଦୁଃଖର ବିଷୟ ଯେ ଏହା ପରେ ମଧ ବିରୋଧ କରାଯାଉଛି । ଅଗ୍ନିପଥ ଯୋଜନା ଏକ ଚତୁର ମନୋଭାବ ନେଇ ପ୍ରସ୍ତୁତ ହୋଇଥିବା ଦେଖାଯାଏ । ସେଭଳି କିଛି ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପୂରଣ ପାଇଁ ନୁହେଁ । ଏହା କେବଳ ବେକାର ଯୁବକମାନଙ୍କୁ ଉତ୍ସାହିତ କରିବାରେ ନିୟୋଜିତ ହୋଇଛି । ଅବଶ୍ୟ ଏ ସଂପର୍କରେ ସାଧାରଣ ନାଗରିକ ତଥା ଆଗାମୀ ଭବିଷ୍ୟତ ପିଢ଼ିର ଯୁବକମାନେ ଚିନ୍ତା ପ୍ରକଟ କରିବାର ବେଳ ଆସିଛି । ବର୍ତ୍ତମାନ ରୁଷ - ୟୁକ୍ରେନ ଯୁଦ୍ଧ ଯେପରି ଚାଲିଛି, ବିଶ୍ୱ ଓ ଦେଶ ଯେଉଁ ସଂକଟର ସମ୍ମୁଖୀନ ହେବାକୁ ଯାଉଛି , ତାହା ବିଚାର ଯୋଗ୍ୟ..!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫୧୪୭୫

# ମୋଦିଙ୍କ ମାଆ



ସୁରେନ୍ଦ୍ର ନାଥ ଦାଶ

ଗତ ୧୮ ତାରିଖରେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଆ ହିରାବା ଦେବୀ ଶହେ ବର୍ଷ ପୁରଣ କରିଛନ୍ତି । ମାଆଙ୍କର ପାଦ ବନ୍ଦନା କରି ସାରା ବିଶ୍ୱକୁ ମୋଦିସେହି ଅବସର ରେ କହିଥିଲେ,

Mother-It is not just a word in the dictionary, but it encompases a whole range of emotion,love patience tuust and a lot more, a mother not only gives birth ,but also shape their mind,their personality and their self confidence.ବିଶ୍ୱର ପ୍ରତ୍ୟେକ ମଣିଷ ନିଜ ମାଆ ମଧ୍ୟରେ ଥିବା ସ୍ନେହ, ଧୈର୍ଯ୍ୟ. ସହନଶୀଳତା, ତ୍ୟାଗର ଚିହ୍ନ କୁ ମନେପକାଇ ସେମାନଙ୍କୁ ପ୍ରଣାମ କରିବାକୁ ଅନୁରୋଧ କରୁଛନ୍ତି । ଶତାୟୁ ହେବା ସମାଜରେ ଅତ୍ୟନ୍ତ ସୌଭାଗ୍ୟର କଥା । କୁହାଯାଏ ଶତାୟୁ ମଣିଷ ଦେବତା ସହ ସମାନ । ସେମାନଙ୍କ ଆର୍ଶୀବାଦ ଜୀବନକୁ ପୁଷ୍ପିତ କରିଥାଏ । ସେଥିପାଇଁ ଆଗେ ଆର୍ଶୀବାଦ ବେଳେ କହୁଥିଲେ, "ଜୀବେତୁ ଶତ ଶରଦମ ।" ଘଟଣା କ୍ରମେ ମୋଦୀଙ୍କ ପିତା ବ୍ରୁଥିଲେ କିଛି ସପ୍ତାହ ପୂର୍ବରୁ ଶହେ ବର୍ଷ ପୁରଣ କରିଥାଆନ୍ତେ । ମାଆ ଏପର୍ଯ୍ୟନ୍ତ ଶରୀର ଓ ମାନସିକ ସ୍ତରରେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । ପୁଅକୁ ନିଜ ହାତରେ ଖୋଇଲା ବେଳେ ମୋଦୀ ଭାବବିହ୍ୱଳ ହୋଇପଡିଲେ । ପଛ କଥା ମନେ ପକାଇ ମୋଦି କୁହନ୍ତି ଗୁଜୁରାଟର ଏକ ଛୋଟ ସହର ଭାଦ ନଗର ରେ ପିତା ଦାମଦୋର ଓ ହିରାବାଙ୍କ ଠାରୁ ୧୯୫୦ ମସିହା ସେପ୍ଟେମ୍ବର ୧୭ ଦିନ ସେ ଜନ୍ମ ହୋଇଥିଲେ । ତାଙ୍କର ତିନି ଭାଇ ସୋମ, ଅମ୍ରିତ, ପ୍ରହଲାଦ, ପଙ୍କଜ ଓ ଏକ ମାତ୍ର ଭଉଣୀ ବସନ୍ତ ବେନ ନରେନ୍ଦ୍ର ମୋଦୀ ଘରର ବଡପୁଅ ଥିଲେ । ସହରରେ ତାଙ୍କର ଏକ ବଖରିଆ କଚା ଘର ଥିଲା । ଉପରେ ଟିଣ ଛପର ଥିଲା । ପାଖ ଗାଁ ଭିସାନଗରରେ ମାଆ ହିରାବା ଙ୍କ ପିତା ବାସ କରୁଥିଲେ । ଅଳ୍ପ ବୟସ ହେଲାବେଳେ ମାଆ ନିଜ ଜନନୀ ସେତେବେଳେ ବ୍ୟାପିଥିବା ସ୍ପାନିସ ଫ୍ଲୁ ରେ ହରାଇଥିଲେ । ସେମାନେ ବଣିଆ ସଂପ୍ରଦାୟର । ବାପା ଦାମୋଦର ରେଳ ଷ୍ଟେସନ ପାଖରେ ଛୋଟ ଚା ଦୋକାନ ସହ କିରାଣା ଜିନିଷ ବିକୁ ଥିଲେ । ଖୁବ ସକାଳ ରାତି ଚାରିଟାରେ ସାହି ରାସ୍ତାରେ ତାଙ୍କ ପାଦଶବ୍ଦ ଶୁଣି ଲୋକେ ସମୟ ଜାଣୁଥିଲେ, ଦାମୋଦର ଦାଦା ଦୋକାନକୁ ବାହାରିଲେ ବୋଲି କହୁଥିଲେ । ଘର ପାଖରେ ଗୋଟେ ମା ବାଉଁଶ ରେ କରି ତା ଉପରେ ତାଳ ପତ୍ର ଛପର କରି ରୋଷେଇ ମାଆ କରୁଥିଲେ । ପାଇଖାନା ବା ଗାଧୁଆ ଘରର ସୌଭାଗ୍ୟ ସେମାନଙ୍କର ନଥିଲା । ବର୍ଷାଦିନେ ଘରେ ବର୍ଷାପାଣି ଝରୁଥିଲା । ପିଲା ମାନେ ହାଣ୍ଡି ରଖି ପାଣି ସଂଗ୍ରହ କରୁଥିଲେ । ଘୋର ଅଭାବ ଅନାଟନ ମଧ୍ୟରେ ପରିବାର ଚଳୁଥିଲା । ନିଜେ ମୋଦି ଷ୍ଟେସନ ବଜାରରେ ଟ୍ରେନ ଆସିବାବେଳେ ଚା ବିକୁଥିଲେ । ସେ ସମୟର ଦାରିଦ୍ୟର କରୁଣ ଚିତ୍ର ମୋଦିଙ୍କ ଜିବନୀଠାରେ ପ୍ରତିଫଳିତ ହୋଇଥିଲା, ଯାହାର ଅନୁଭବୀ ଆଜି ସେକଥା ମନେପକାନ୍ତି । ଘରର ଲୁଗାପଟା ମୋଦି ପାଖ ପୋଖରୀରେ ସଫା କରୁଥିଲେ । ଏସବୁ ମଧ୍ୟରେ ପିଲା ମାନେ କିପରି ପାଠ ପଢିବେ, ତାହାର ଯତ୍ନ ମାଆ ନଉଥିଲେ । ସକାଳୁ ଉଠି ଠାକୁର ଆଗରେ ନରସିଂ ମେହେତାଙ୍କ ରଚିତ ଭଜନ ମାଆ ଗାଉଥିଲେ । ଗୋବର ସଂଗ୍ରହ କରି ଘସିରେ ରୋଷେଇ କରୁଥିଲେ । ପରିଷ୍କାର ପରିଛନ୍ନତା ପ୍ରତି ସେ ଅତ୍ୟନ୍ତ ଯତ୍ନଶୀଳ ଥିଲେ । ଲୁଗା ପଟା ସବୁବେଳେ ସଫା ରଖିବାକୁ ପିଲା ମାନଙ୍କୁ କହୁଥିଲେ । ନିଜ ହାତରେ ଏବେ ମଧ୍ୟ ସେ ମୋଦିଙ୍କୁ ଖୋଇଦିଅନ୍ତି ଓ ଖୋଇଲାପରେ ପାଖରେ ରଖିଥିବା ରୁମାଲରେ ମୁହଁ ପୋଛି ଦିଅନ୍ତି । ତାଙ୍କ ଠାରୁ ହିଁ ସ୍ୱଛ ଭାରତ ଅଭିଯାନ ର ପ୍ରେରଣା ମୋଦି ପାଇଛନ୍ତି । ଘସି ରୋଷେଇରେ ଅସହ୍ୟ ଧୂଆଁରେ ଘର ଭର୍ତ୍ତି ହେଉଥିଲା । କାନ୍ଥ କଳା ହଉଥିଲା । ପ୍ରତି ଛଅ ମାସରେ ମାଆ ଘରେ ଚୁନ ଦଉଥିଲେ । ଅଗଣା ଗୋବରରେ ଲିପୁଥିଲେ । ଘର କାନ୍ଥରେ ହାତ ତିଆରି ରଙ୍ଗ ରେ ଚିତ୍ର ମାନ କରୁଥିଲେ । ବାପା ଦୋକାନରୁ ଆଣୁଥିବା ସର ରୁ ଭଲଘିଅ ତିଆରି କରୁଥିଲେ । ଖରା ଦିନେ ପକ୍ଷୀ ମାନଙ୍କୁ ଜଳ ଦଉଥିଲେ । ବୁଲା ଗାଇ ମାନଙ୍କୁ ରୁଟି ସହ ଘିଅ ଖାଇବାକୁ ଦଉଥିଲେ । ସହର ର ସାହିକୁ ଆସୁଥିବା ମେହନ୍ତର ମାନେ ତାଙ୍କ ଘରକୁ ଆସି ସବୁଦିନେ ଚା ପିଉଥିଲେ । ନିଜର ଅସୁବିଧା ଥାଇ ମଧ୍ୟ ଜଣେ ମୁସଲମାନ ବନ୍ଧୁଙ୍କର ମୃତ୍ୟୁ ପରେ ସେ ତାଙ୍କ ପୁଅ କୁ ଘରେ ରଖି ଶିକ୍ଷା ସମାପ୍ତ କରାଇଥିଲେ । ପ୍ରତି ବର୍ଷ ଇଦରେ ତାପାଇଁ ସ୍ୱତନ୍ତ୍ର ପିଠା ବାଂଟୁଥିଲେ । ମାଆ କବିର ପନ୍ଥୀ ଥିଲେ ଓ ଭକ୍ତିର ସହ ସମସ୍ତ ନିୟମ ମାନୁଥିଲେ । ସେ ନିଷ୍ଠାର ସହ ଚତୁର୍ମାସ ବ୍ରତ ପାଳନ କରୁଥିଲେ । କାଶୀର ସରୁ ଗଳିକୁ ପ୍ରଶସ୍ତ କରିବାକୁ ସେ ମୋଦିଙ୍କୁ ପରାମର୍ଶ ଦେଇଥିଲେ । ଥରେ କେଦାର ନାଥ ଦର୍ଶନରେ ମାଆ ଗଲା ବେଳେ ସାଙ୍ଗରେ ସାନପୁଅ ଥାଏ । ସେ ବର୍ଷ ଭୀଷଣ ଶୀତ ପଡିଥାଏ । ପୁଜକ ମାନେ ଅନେକବାଟ ପର୍ଯ୍ୟନ୍ତ ମୋଦୀଙ୍କ ମାଆ କିଏ ବୋଲି ପଚାରି ପଚାରି ତାଙ୍କ ପାଖକୁ ଆସିଲେ ଓ ଶୀତ ବସ୍ତ୍ର ପ୍ରଦାନ ସହ ଅନେକ ଯତ୍ନ ନେଲେ । ମାଆ ଖୁସି ହୋଇ ପୁଅ ନରେନ୍ଦ୍ରକୁ କହିଲେ, "ତୁମେ ଅନେକ ଭଲ କାମ କରିବାରୁ ଲୋକ ମାନେ ପ୍ରଶଂସା କରୁଛନ୍ତି ।"

ସେ ମୋଦିଙ୍କ ସହ କୌଣସି ସଭାକୁ ଯାଆନ୍ତି ନାହିଁ । କେବଳ ଥରେ ମୋଦୀ ଏକତା ଯାତ୍ରାରେ ଯାଇ କାଶ୍ମୀର ଶ୍ରୀନଗର ଠାରେ ତ୍ରିରଙ୍ଗ ଉତ୍ତୋଳନ କରି ଫେରିଲା ପରେ ସେ ଆର୍ଶୀବାଦ କରିବାକୁ ଯାଇଥିଲେ (୧୯୯୧) । ୨୦୦୧ ମସିହାରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଶପଥ ସଭାରେ ସେ ଆର୍ଶୀବାଦ କରିବାକୁ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ହେଲା ପରେ "ଆପଣ ପୁଅ ପାଇଁ ଗର୍ବିତ କି?" ସାମ୍ବାଦିକଙ୍କୁ ଉତ୍ତର ଦେଇ ସେ କହିଲେ, "ତୁମେ ଯେପରି ତୁମ ପ୍ରଧାନମନ୍ତ୍ରୀ ପାଇଁ ଗର୍ବିତ, ମୁଁ ମଧ୍ୟ । ମୋ ପୁଅ ପାଇଁ ଗର୍ବିତା । ସେ ଦେଶ ଓ ଇଶ୍ୱର ଇଶ୍ୱରଙ୍କ କାମ କରୁଚି । ତା ଉପରେ ଇଶ୍ୱରଙ୍କ ଆର୍ଶୀବାଦ ଥିବାଯାକେ କେହି କ୍ଷତି କରିପାରିବେ ନାହିଁ ।"

ଆଜି ମୋଦି ଖାଲି ଭାରତ ନୁହଁ ସାରା ବିଶ୍ୱରେ ନିଜର ପ୍ରଗତୀଶୀଳ କାର୍ଯ୍ୟପାଇଁ ପ୍ରଶଂସିତ । ଆଜି ନବ ଯୁବକମାନେ ମୋଦୀଙ୍କ ଠାରେ ନିଜର ଭାଗ୍ୟର ସନ୍ଧାନ ପାଇଛନ୍ତି । ପ୍ରଥମ ଥର ପାଇଁ ଗତାନୁଗତିକ ପନ୍ଥା ଛାଡି ଭବିଷ୍ୟତ ପାଇଁ ସାହାସିକ ପଦକ୍ଷେପ ମୋଦି ନେଇଛନ୍ତି । ସେଥିପାଇଁ ଚାହା ବିକାଳୀ, ମଥ କା ସୌଦାଗର ନୀଚ ଭଳି ଶବ୍ଦମୋଦି ଶୁଣିଛନ୍ତି । ଅନେକ ବିଦେଶୀ ଶକ୍ତି ମଧ୍ୟ ତାଙ୍କର ବିନିଷ୍ଟ ପାଇଁ ସକ୍ରିୟ ଅଛନ୍ତି । ମାଆ ଙ୍କର ଆର୍ଶୀବାଦ ଥିବା ଯାକେ ତାଙ୍କର ଯେ କେହିକିଛି କରିପାରିବେ ନାହିଁ ଏହା ସମସ୍ତେ ବିଶ୍ୱାସ କରନ୍ତି ।

God can not be every where,so he has created Mother, ଆସନ୍ତୁ ସେହି ମହାନ ମାତାଙ୍କ ପଦ ବନ୍ଦନା କରିବା ସହ ଆମେ ଆମ ନିଜ ମାଆ ର ମଧ୍ୟ ମହାନତାକୁ ସ୍ମରଣ କରିବା ଓ ଗାଇବା ।

ଯାଦେବୀ ସର୍ବଭୂତେଷ୍ଟୁ ମାତୃରୂପେଣ ସଂସ୍ଥିତା

ନମଃ ତସ୍ୟୈ ନମଃ ତସ୍ୟୈ ନମଃ ତସ୍ୟୈ ନମୋଃ ନମୋଃ !

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ: ୯୪୩୭୨୩୫୩୮୬




## ଅନ୍ତରଙ୍ଗ

### ସ୍ନିଗ୍ଧା ପଣ୍ଡା

ତୋ ସହ ମୋର ସମୟକୁ
ପୁଣି ତତେ ବି
ଅନ୍ୟ ସହ ବାଣ୍ଟିବାକୁ କଷ୍ଟଲାଗେ ମତେ
ମୋର-ମୋର ବୋଲି କହୁଥିବି
ଅଥଚ ତୋର ହେଉ ନ ଥିବି
ମୋର ବୋଲି ଅନୁଭବିଲା
ବେଳକୁ ପାଉ ନ ଥିବି
ତୁ ଥିବୁ ଆଖିରୁ ଦୂରକୁ
ନିଃଶ୍ୱାସର ଅପହଞ୍ଚ ପୃଥିବୀର
କୋଉ ଗୋଟେ କୋଣକୁ ।

ତତେ ପାଇବାର ଅପୂରା ଆଶା
ତୋର ତୋ-ପଣକୁ ମୋ
ଭିତରେ ଭରିବାର ନିଶା
ସଂସାର ଭାବେ
ତୁ ବି ଭାବୁ
ମତେ ସଂକୀର୍ଣ୍ଣ କରିଛି
ମୁଁ ଭାବେ ମତେ ସଂପୁର୍ଣ୍ଣ କରିଛି
ତତେ ପାଏନାହିଁ ବୋଲି
ଅଭିଯୋଗ କରି
ସ୍ୱାର୍ଥପର ହେଲେ ହେଲି
ତୁ ଆଉ କହି ପାରିବୁନି
ଚାହିଁ ନ ଥିଲି କି କହି ନ ଥିଲି ।

ପାଇବାର ସ୍ୱାର୍ଥ ମୋର ଅନନ୍ତ ଗୌରବ
ପାଇଗଲି କହିଦେଲେ
ପାଳିବାକୁ ହେବ ପ୍ରାପ୍ତିର ପରବ
ପାଇଲିନି ଭାବୁଥିଲେ
ପାରୁଥିବି ଜିତି ଆଉ ସବୁ ଅଭାବ
ଦେଖା କେବେ ହେଉ କି ନ ହେଉ
ମୁଁ ଏକା ଜାଣୁଥିବି
ତୁ-ମୁଁ କେତେ ଅନ୍ତରଙ୍ଗ ।

♥ ଗଣ୍ଡମୁଣ୍ଡା
ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦

## ମୌସୁମୀ ଆସିଛି

### ଲକ୍ଷ୍ମୀଧର ସିଂ

ଓଦା ମାଟିର ମହକରେ
ଆତ୍ମହରା ହୃଦୟ ମନ
ମୌସୁମୀ ଆସିଛି
ବର୍ଷା ଦେଇଛି ପହିଲି ଛୁଆଁ
ମୋ ଗାଁର ପୃଥିବୀକୁ ।
ଶିହରୀ ଉଠୁଛି
ଦୁବଠୁ ଦାରୁ ଆନନ୍ଦରେ
ବିଭୋର ମେଘ ମାଳ ଚୁମୁଛି
ପାହାଡ଼ ମଥାକୁ ମିଳନ ଲଗ୍ନରେ
ଜୀବନ ଫେରୁଛି ନଈର ଦିହକୁ ।
ଏଥର ଗରମରୁ ନିସ୍ତାର
ମୌସୁମୀ ବର୍ଷାର ଅମୃତ ଛୁଆଁରେ
ବତୁରା ଦିହର ପୁଲକ
ଅନୁଭବ କରୁଛି ମୃତ୍ତିକା
ଚଷା ପୁଅ ସପ୍ନ ଦେଖୁ ଦେଖୁ
ଶସ୍ୟ ଶ୍ୟାମଳ କ୍ଷେତକୁ ତାର
ଛାତିକୁ କୁଣ୍ଢେଇ ଧରି,
ଧରି ରଖିବାର ପ୍ରୟାସ କରୁଛି
ମୌସୁମୀ ଆସିବାର ଖୁସିକୁ ।

♥ ଅଁଳାପାଳ, ଗରଡିହି,
ବାଲେଶ୍ୱର
ମୋ: ୬୩୭୦୦୨୬୮୦୫

## ବରଷାରାଣୀ

### ଲୋକନାଥ ମହାପାତ୍ର

ବରଷାରାଣୀ ବରଷାରାଣୀ
ସବୁରି ପ୍ରାଣୀଙ୍କୁ ଦିଏ ସେ ପାଣି
ତା ପାଇଁ ନା କେହି ବଡ଼ କି ସାନ
ସଭିଏଁ ତା ପାଇଁ ଅଟେ ସମାନ
କରେନା କାହା ପ୍ରତି ବାଛ ବିଚାର
ତା ପାଇଁ ନୁହଁ କେହି ଆପଣା ପର
ଶୋଷିଲା ଓଠରେ ଦେଇ ସେ ପାଣି
ସଭିଙ୍କ ମନେ ଦିଏ ସନ୍ତୋଷ ଆଣି
ମେଘମାଳାକୁ ଆକାଶେ ଦେଖି
ମୟୁର ନାଚଇ ଖୁସିରେ ଅତି
ଚାଷୀଭାଇ ମନେ ଆଣେ ସେ ହସ
ହଳ ଧରି ଆରମ୍ଭ କରେ ସେ ଚାଷ
ସୁଖିଲା ଭୂମି ହୁଏ ସବୁଜ ଖେତ
ପ୍ରକୃତିରାଣୀ କୁ କରେ ସ୍ୱାଗତ
ବୃକ୍ଷ ଲତା ଆଜି କାଟି ମଣିଷ
ବର୍ଷାକୁ ବୃଥାରେ ଦିଅଇ ଦୋଷ
ବନ୍ୟା ମରୁଡି ଅଟେ ତାହାରି ଫଳ
ବୃକ୍ଷରୋପଣ କଲେ ହେବ ତା ଦୂର
ଜଳ ହିଁ ଜୀବନ ଏ କଥା ସାର
ବରଷା ଜଳକୁ ସଞ୍ଚୟ କର ।

♥ ବ୍ରହ୍ମପୁର

## ପହିଲି ବରଷା

### ସିଦ୍ଧେଶ୍ୱର ତ୍ରିପାଠୀ

ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟି ଦେହ
ଅତୀତରେ ଦିନେ ଏମିତି ମୁହୂର୍ତ୍ତେ
ତୁମେ ରଚିଥିଲ ମୋହ ।
ସେଇ ପାଣିପାଗ ମିଠା ଅନୁରାଗ
ଅତୀତ ସ୍ମୃତିକୁ ଟାଣେ
କେଇ ବୁନ୍ଦା ଲୁହ ଜମାଟ ବାନ୍ଧଇ
ଏଇ ଦୁଇ ଆଖି କୋଣେ ।
ଭାବିଲେ ସେକଥା ବଢିଯାଏ ବ୍ୟଥା
ଛାତିତଳୁ ଉଠେ କୋହ
ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟି ଦେହ ।
କୁଆଡେ ଗଲାଣି ସେଇସବୁ କଥା
କେବେଠୁ ତୁମରି ସାଥେ
ଆଜି ଏଇ ପାଗ ଭେଳିକି ଲଗାଏ
ପାଗଳ ସଜାଇ ମୋତେ ।
ଯାଯାବର ଏଇ ସମୟର ଦାଉ
ସହି ପାରେନି ହୃଦୟ
ପହିଲି ବରଷା ଆକାଶରୁ ଝରି
ଭିଜାଉଛି ମାଟିଦେହ ।

♥ କବିର ଘର, କୁଣ୍ଡିଲୋ
କେରଙ୍ଗ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

## କଦାପି ପଢି ନ ଥିବା ପାଠ

### ନିରଞ୍ଜନ ସାହୁ

ଏହି ଜୀବନର ଅପଢ଼ା ପାଠକୁ
ପଢିବାକୁ ନାହିଁ ଡର
ପଢିବାକୁ ଯେବେ ଇଚ୍ଛା ବି କରଇ
ଲାଗୁଥାଏ ବଡ଼ ଡର ।

ଯେତିକି ପାଠ ମୁଁ ପଢ଼ିଛି ଜୀବନେ
ଶିଖିଛି ଯେତେକ କଥା
ବାସ୍ତବିକ କ୍ଷେତ୍ରେ ପ୍ରୟୋଗ ବେଳକୁ
ଘୁରାଇ ଦେଉଛି ମଥା
ଅପଢ଼ା ପାଠକୁ ଭାବୁଛି ପଢିବି
ମନ ଟିକେ ଥୟ ଧର ।

ଅପଢ଼ା ପାଠ ତ କାମରେ ଲାଗିବ
ଏ ଆଶା ବାନ୍ଧିଛି ମନ
ଏ ଜୀବଦଶାରେ ପ୍ରୟୋଗ କରିବି
ନ କରିକି ବିଜ୍ଞାପନ
ପରୀକ୍ଷାମୂଳକ ଭାବରେ ଦେଖିବା
ଏ ପାଠ ବି କେତେକର ?

♥ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ତୁ ପରା ଜଗତ ସାଇଁ

### ଜୟନ୍ତ କୁମାର ମଲ୍ଲିକ୍

ଖାଲି ହାତ ନେଇ ଫେରି ମୁଁ ଯାଉଛି
ତୋହରି ପାଖରୁ ମୁହିଁ
ଶପଥ କରୁଛି ଜଗା ତୁ ଜାଣିବୁ
ଆଉ କେବେ ଯିବିନାହିଁ ।
କେହି ଫେରନ୍ତିନି ତୋହରି ପାଖରୁ
ତୁ ପରା ଜଗତ ସାଇଁ
ତୋଓ କଥା ଭାବି ଦିନ ବିତେ ମୋର
କାହିଁକି ଜାଣିବୁ ତୁହି ।
ବହୁତ ଦୁଃଖରେ ଅଛି ମୁଁ ଜଗାରେ
କେବେ କିଛି ମାଗିନାହିଁ
ତୋଓ ନାଆଁ ଧରି ଦୁଃଖ ହରିଯାଏ
ତୋହରି ପାଖରେ ଥାଇ ।
ଧନୀ କରିଦେଲେ ସବୁ ଭୁଲିଯିବି
ଭୁଲିଯିବି ତୋଓ ଘର
ଆଉ କେବେ ମୁଁ ଯାଇ ପାରିବିନି
ଲୋଭ ଆସିଯିବ ମୋର ।
ସୁନାର ସଂସାର ଆଜିଠୁ ଲାଗିଲା
ଦେଖିବୁକି ଜଗା ଥରେ
ବୟସ ହେଲାଣି ଯମ ଡାକିଲାଣି
ନେଇଯିବ ବହୁଦୂରେ ।

♥ ଶୂରଡ଼ିହ,ନନ୍ଦିପୁର, ଯାଜପୁର
ମୋ:୯୪୩୭୮୬୫୭୨୭

ଶ୍ରୀନିବାସଙ୍କ

## ।। ଦେହନାମା ।।

ତୋ ଛାଇରେ
ଲେଖା ମୋ ଦେହର ନାମ ।
ତୋ ଛାଇରେ
ସବୁ ହଜିଯାଏ...
ମୋ ମନ, ମାନ
ନାମ ଓ ଅନ୍ଧାରର ଯେତେ ବଦନାମ ।

ଆଲୋକର
ବିଳାସରେ ହଜେ ଦିନେ ତୋ ବିଶୁଦ୍ଧ
ଛାଇ,
ହଜେ ମୋ ଦେହ...
ଦେହ ହଜାଇ
ମୋର ବଞ୍ଚିବାର ଥିଲା
କାହାର ଦେହନାମା ହୋଇ ।




‘ଦର୍ପଣ ପଛର ଛବି’ କବି ଶ୍ରୀନିବାସ ସେଠୀଙ୍କର ପ୍ରଥମ କବିତା ପୁସ୍ତକ ହେଲେ ମଧ୍ୟ କବିତା ସହ ତାଙ୍କର ସଂପର୍କ ବହୁ ଦିନରୁ । ବୃତ୍ତିଗତ ବ୍ୟସ୍ତତା ଓ ଜଂଜାଳ ଭିତରେ ସେ ଜୀବନକୁ ଯେମିତି ଭେଟିଛନ୍ତି, ତାର କଳାତ୍ମକ ପ୍ରତିବିମ୍ବ ହିଁ ତାଙ୍କ କବିତା । ଏହି ପୁସ୍ତକରେ ସର୍ବମୋଟ ଷାଠିଏଟି କବିତା ସ୍ଥାନିତ ହୋଇଛି । ପ୍ରତ୍ୟେକ କବତାରେ ରହିଛି ବେଶ୍ ସୂକ୍ଷ୍ମ ତଥା ସମ୍ବେଦନଶୀଳ ଆବେଗ । ତାଙ୍କ କବିତା ଗୋଟେ ବିଶ୍ୱାସ, ଗୋଟେ ପ୍ରତ୍ୟୟ ଓ ଗୋଟେ ଚେତନାର କଥା କହୁଥିବା ବେଳେ ଖୋଦ୍ କବି ସେଇ ସ୍ୱ-ବଳୟ ଭିତରେ ଝଂଗି ଦେଇଛନ୍ତି ଅମୃତମୟ ଜୀବନର ବ୍ୟାପକ ଅନୁଭୂତି ଓ ଅନୁଭବକୁ ଶବ୍ଦ ମାଧ୍ୟମରେ । ନିଷ୍କପଟ ଭାବେ ପରଶି ଦେଇଛନ୍ତି ନିଜ ମନତଳର କଥା ଓ ବ୍ୟଥା । ଦୃଶ୍ୟ ଓ ଅଦୃଶ୍ୟର ଏକ ଚିତ୍ରିତ କାନଭାସ୍ ହିଁ ଦୃଶ୍ୟମାନ ହୋଇଛି ତାଙ୍କ କବିତାରେ । ପବନ ପରି ସେସବୁ ଛୁଇଁ ଯାଉଛି ମନ ଓ ହୃଦୟ ।

କେବେ ମାଟି ପରି ତ କେବେ ଚିତ୍ରର ଚରିତ୍ର ପରି, କେବେ ଝରକା ସେପାଖ ସମୁଦ୍ର ମନସ୍କ ରାସ୍ତା ପରି କବିତାରେ ପାଠକଙ୍କ ମନକୁ ଛୁଁଥିବା କବି ଶ୍ରୀନିବାସ ଏଥରର ସୃଜନ ପୃଷ୍ଠାରେ...

## କବିତା ଭିତରେ ସେ ମଣିଷକୁ ଶିଖାଇଛନ୍ତି ଦୃଢ଼ ଭାବରେ ଜୀବନ ବଞ୍ଚିବାର ସୂତ୍ର

କବି ଶ୍ରୀଯୁକ୍ତ ଶ୍ରୀନିବାସ ସେଠୀଙ୍କର ପ୍ରଥମ କବିତା ସଂକଳନର ପାଣ୍ଡୁଲିପି ପଢୁପଢୁ, ମୁଁ ଦେଖେ ତ, ଦୀର୍ଘ କୋଡ଼ିଏ ବର୍ଷ ତଳର କିଛି ସ୍ମୃତି ମୋ ସାମ୍ନାରେ ଠିଆ ହୋଇଛି । ଶ୍ରୀନିବାସ ସେତେବେଳେ ବୁର୍ଲା ଇଞ୍ଜିନିୟରିଂ କଲେଜର ଛାତ୍ର ଥିଲେ । ମୋ ସାନଝିଅ ମୋନା ବି ତାଙ୍କ ସହିତ ପଢୁଥିଲେ ଏକା ବ୍ୟାଚ୍‌ରେ । ମୋ କବିତାର ସେ ଜଣେ ନିଷ୍ଠାପର ପାଠକ ଥିଲେ ଆଉ ମୋନାଠୁ ମୋ ପରିଚୟ ପାଇ ସେ ମୋତେ ଦେଖା କରିବାକୁ ଆସିଥିଲେ । ସେ ସେତେବେଳେ ଇଂଜିନିୟରିଂ କଲେଜ ସାହିତ୍ୟ ସଂସଦର ସମ୍ପାଦକ ଥିଲେ ଓ କଲେଜର ସାହିତ୍ୟ ପତ୍ରିକା BECLITS ନିମନ୍ତେ ଲେଖା ଚୟନ ପ୍ରକ୍ରିୟାରେ ମୋ ସାହାଯ୍ୟ ଲୋଡ଼ିଥିଲେ । ତା’ପରେ ତାଙ୍କର କିଛି କବିତା ମଧ୍ୟ ମୁଁ ପଢ଼ିଥିଲି, ସେହିଦିନୁ ଜାଣିଥିଲି ଇଂଜିନିୟରିଂ ସହିତ ତାଙ୍କର କବିତା ଲେଖିବାର ଆଗ୍ରହ ରହିଛି । ଏବେ ପ୍ରାୟ ତିରିଶ ବର୍ଷପରେ ତାଙ୍କର କବିତା ପାଣ୍ଡୁଲିପିର ମୁଖବଂଧ ମୋତେ ଲେଖିବାକୁ ହେବ, ଏକଥା କିଏ ଜାଣିଥିଲା ?

ମନେହେଉଛି ପଢ଼ାପଢ଼ି, ଚାକିରି, କର୍ମକ୍ଷେତ୍ର, ସାଂସାରିକ ଜଞ୍ଜାଳ ଭିତରେ ସେ କବିତା ଲେଖୁଥିଲେ ମଧ୍ୟ ସେଆଡ଼କୁ ବିଶେଷ ଦୃଷ୍ଟି ଦେଇପାରି ନାହାଁନ୍ତି । ନିଜ ଭିତରେ ରହିଯାଇଥିବା ଅନେକ ଆବେଗ, ଅନୁଭବ, ନିଜକୁ ପ୍ରକାଶ କରି ନପାରିବାର ଆକୁଳତା ଅବ୍ୟକ୍ତ ରହିଯାଇଥିବ । କିନ୍ତୁ ସର୍ଜନଶୀଳତାର ବୀଜ କେବେ ନା କେବେ, ଉପଯୁକ୍ତ ପରିବେଶ ପାଇଲେ ଅଙ୍କୁରିତ ହୁଏ, ତା’ପରେ ସେ ଅଙ୍କୁରକୁ ପାଳିବାକୁ ପଡ଼େ, ବିକଶିତ, ମୁକୁଳିତ, ବର୍ଦ୍ଧିତ କରିବାକୁ ହୁଏ ନିଜର ଅଧ୍ୟୟନ, ଅଧ୍ୟବସାୟ, ମଗ୍ନତା ଓ ଭାବଜଗତ ଦ୍ୱାରା ।

ଏତେବର୍ଷ ଧରି ଶ୍ରୀନିବାସଙ୍କ ଖବର ମୋ ନିକଟରେ ନଥିଲା । ଫେସବୁକରୁ ସେ ଜାଣିଲେ ମୁଁ ଭୁବନେଶ୍ୱରରେ ଅଛି ଏବଂ ତାଙ୍କର କବିତା ମୋ ନିକଟକୁ ପଠାଇଲେ । କିଛିବର୍ଷ ତଳେ ତାଙ୍କର କବିତାରେ କଣ ଅସୁବିଧା ରହିଛି, କେଉଁଠି ସଂପାଦିତ କରିବାକୁ ହେବ, ମୁଁ ମତ ଦେଇଥିଲି । ତା’ପରେ ଫେସବୁକରେ ଶ୍ରୀନିବାସଙ୍କ କବିତା ପଢ଼ି ଆଶ୍ଚର୍ଯ୍ୟ ହେଲି । ପ୍ରଥମ, ଦ୍ୱିତୀୟ, ତୃତୀୟ-ମୁଁ ଦେଖିଲି ତାଙ୍କର କବିତା ଲେଖିବାର ଧାରା ଦିନକୁ ଦିନ ପରିବର୍ତ୍ତିତ ହେଉଛି । ଭାଷା ବ୍ୟବହାର କରିବାର ଦକ୍ଷତା ବଢ଼ିଛି, ଚିତ୍ରକଳ୍ପ ଓ ଉପମା ବ୍ୟବହାର କରିବାରେ ସ୍ୱତଃସ୍ଫୂର୍ତ୍ତତା ଆସିଛି ।

ଶ୍ରୀନିବାସଙ୍କ ଏହି ସଙ୍କଳନଟିରେ ଷାଠିଏଟା କବିତା ରହିଛି । କବିତାଗୁଡ଼ିକ ଛୋଟଛୋଟ କିନ୍ତୁ ଘନ ଓ ସାନ୍ଦ୍ର ଗଠନ ଭିତରେ ଜମି ରହିଛି ଭିନ୍ନ ଭିନ୍ନ ଭଙ୍ଗୀରେ ଅନୁଭୂତ ହୋଇଥିବା ଜୀବନର ଅବବୋଧ । କବିତାଗୁଡ଼ିକ ଖୁବ୍ ପରିଚ୍ଛନ୍ନ, ଅର୍ଥାତ୍ ତାଙ୍କର ବକ୍ତବ୍ୟ ହିଁ ଚିତ୍ରକଳ୍ପ ଓ ଉପମାଗୁଡ଼ିକୁ ତିଆରି କରିଛି ଯଥାର୍ଥ ଭାବରେ । କୌଣସିଠାରେ ଦେଖାଇ ହେବାର ଭାବ ନାହିଁ । ଚିତ୍ରକଳ୍ପର ଅଯଥା ବ୍ୟବହାର ବକ୍ତବ୍ୟକୁ ଭାରାକ୍ରାନ୍ତ କରିଦେଉ ନାହିଁ । ହଠାତ୍ ପାଠକକୁ ଆକର୍ଷଣ କରିବା, ଚମକାଇ ଦେବା, କୌଣସି ଗୋଟିଏ ‘ବାଦ’ କୁ ପ୍ରଚାର କରିବା, ପ୍ରତିକ୍ରିୟା ଦେଖାଇବା, ଏସବୁ ଉଦ୍ଦେଶ୍ୟ ତାଙ୍କ କବିତାରେ ଅନୁପସ୍ଥିତ ଥିବାରୁ କବିତାର ମୂଲ୍ୟ ବଢ଼ିଯାଇଛି । ସିଧାସଳଖ irony ବା satireର ତୀକ୍ଷ୍ଣତା ତାଙ୍କର କବିତାରେ ଦେଖାଯାଏନାହି, କିନ୍ତୁ ପ୍ରଚ୍ଛନ୍ନ ରହିଥାଏ ଆକ୍ଷେପ । ଯେମିତି ‘ବିସର୍ଜନ’ କବିତାରେ : ନିଭୃତରେ ଆମର କଳ୍ପନା କଣ ଏତେ କଦାକାର ହୋଇପାରେ’ କିମ୍ବା ‘ଆମେ ନିଜ ନିଜ ଆବର୍ଜନା ପାଳିଥିଲୁ/ ନିଜ ନିଜର ମନ ଭିତରେ ଓ ସେଇଥିରେ ହିଁ ଗଢ଼ିଛି ଏ ପୃଥିବୀ ।’ (ବିସର୍ଜନ)

\+ + + +

ଶ୍ରୀନିବାସ ଅଧିକାଂଶ ସମୟରେ ପ୍ରକୃତିରୁ ଚିତ୍ରକଳ୍ପ ଉଠାଇଛନ୍ତି । ତାଙ୍କରି ଚାରି ପାଖରେ ବହିଯାଉଥିବା ଜୀବନକୁ ସେ ଟିକିନିଖି କରି ଦେଖନ୍ତି ଯାହା ସାଧାରଣତଃ ଆଖିରେ ପଡ଼ିବା କଥା ନୁହେଁ । ସେଇଭଳି ସାମାନ୍ୟ କୁଟାକାଠିଟିଏ ଭିତରେ ସେ ଦେଖନ୍ତି କିଛି ଅସାମାନ୍ୟତା ଓ ତାକୁ ଉଠାଇ ଆଣନ୍ତି । ଯେମିତି ‘ନାଚ’ କବିତାଟିରେ ସେ ଲେଖିଛନ୍ତି, ପ୍ରକୃତି ଭିତରେ ଯେଉଁ ସ୍ୱତଃସ୍ଫୂର୍ତ୍ତ ନାଚ ଚାଲିଛି, ତାହା ହିଁ ପ୍ରକୃତ ନାଚ, ତାହା ମଣିଷ ଆଖିରେ ପଡ଼େ ନାହିଁ । ‘ଦେଖ ! ଦେଖ !/ ଅଣ୍ଡିରା ବାଛୁରୀଟିର ଡିଆଁରୁ ଶିଖିବାକୁ ହୁଏ ନାଚ/ ଉଲ୍ଲାସରେ ପାଦ ଉଠାଇବାକୁ ପଡ଼େ । ଯେମିତି ମୈଥୁନ ପୂର୍ବରୁ/ ନାଚି ନାଚି କୁକୁଡ଼ା ଉଠାଏ ପାଦ/ ନାଚର ସେଇ ଇଙ୍ଗିତ ଶିଖିବାକୁ ପଡ଼େ / ଯେମିତି ଚକ୍ରାକାରରେ ନାଚି ନାଚି ମହୁମାଛି/ ସାଥୀଙ୍କୁ ନୂଆ ଫୁଲର ସଂଧାନ ଦିଏ ।’ (ନାଚ)

ଯେମିତି, ‘ବୁଢ଼ିଆଣୀ ଜାଲର ଚକ୍ରବ୍ୟୂହ ଭିତର ଦେଇ ଦିଶୁଥାଏ/ ଅହରହ ଜୀବନର ଋତୁଚକ୍ର ।’ (ଚିତ୍ରକର) ।

ଛୋଟ ପିମ୍ପୁଡ଼ିଟିକୁ ସେ ଦେଖିଛନ୍ତି ଏମିତି : ‘କେତେ ଛୋଟ ତା ଆଖି କେତେ ଦୂରରୁ ଚିହ୍ନି ପାରୁଛି ଲକ୍ଷ୍ମଣ ରେଖା/ ସେହି ରେଖାକୁ ମାନି/ ସେ ଅଟକି ଯାଉଛି/ ଚରିତ୍ରଟିଏ ପରି ।’

\+ + + +

ଶ୍ରୀନିବାସଙ୍କ ସମସ୍ତ କବିତା ଛୋଟ କିନ୍ତୁ ‘ମାଟି’ ଓ ‘ଦର୍ପଣ’ ହେଉଛି ତାଙ୍କର ଦୁଇଟି ଦୀର୍ଘ କବିତା, ଯାହାକୁ ଛୋଟ ଛୋଟ ଭାଗରେ ଲେଖାଯାଇଛି । ‘ମାଟି’ କବିତାରେ ତାଙ୍କର କାବ୍ୟ ସ୍ୱର ଗଭୀରତର ଓ ଅନ୍ତରଂଗ । ମାଟିକୁ ଆମେ ସମସ୍ତେ ଯେଉଁ ଭାବରେ ଜାଣୁ, ସେ ବି ସେମିତି ଦେଖନ୍ତି, କିନ୍ତୁ ଲେଖିବାର ଭଙ୍ଗୀ ଏଇ ଦୀର୍ଘ କବିତାଟିକୁ ଏକ ଆକର୍ଷଣୀୟ ଚେହେରା ଦେଇଛି । ‘ମାଟିର ନିର୍ମାଣ’ କବିତାଟି ‘ମାଟି’ର ଦଶଟି କବିତା ମଧ୍ୟରୁ ଅନ୍ୟତମ । ସେଥିରେ ସେ ଆଙ୍କିଛନ୍ତି, ‘ଗଛର ହରିତ୍ ପତ୍ର ଯେବେ ହଳଦିଆ ହୋଇଆସେ/ ମାଟି ଉପରର ଛନଛନ ସବୁଜ ଘାସ ଯେବେ ଧୂସର ହୋଇ ଆସେ / ପକ୍ଷୀର ଶୂନ୍ୟ ନୀଡ଼ ଭାଙ୍ଗି ଯେବେ ଖସି ପଡ଼େ ମାଟିରେ/ ... ... ... ଯେବେ ଚାଷୀ ତା ମୃତ ବଳଦକୁ/ ସମର୍ପିଦିଏ ମାଟିକୁ/ ଆଉ.. ଆକାଶରେ ଶାଗୁଣା ଉଡ଼ିବୁଲେ/ ତେବେ ଜାଣିବା/ ଏବେ ବିନାଶର ବେଳ ଆସିନାହିଁ/ ବରଂ ବୁଝିବାକୁ ହେବ/ ସମୟ ଆସିଯାଇଛି ମାଟିର ନିର୍ମାଣ ପାଇଁ ।’ (ମାଟିର ନିର୍ମାଣ)

ଏହି ବିରୋଧାଭାସ ହିଁ ମାଟି କବିତାର ସୌନ୍ଦର୍ଯ୍ୟ । କାରଣ ଏହି ବିରୋଧାଭାସ ଭିତରେ ସେ ମାଟିର ଏକ ରୂପାନ୍ତରିତ ରୂପ ଦେଖିଛନ୍ତି । ଆହୁରି ଦେଖିବା, ‘ପାଦେ ପାଦେ ମାଟି/ ପାତି ଦେଉଛି ଛାତି/ ଚାଲି ଚାଲି ଆସ/ ମାଟି ଉପରେ ପାଦ ରଖି ଧୂଳି ହେଉଥାଉ ପାଦ/ ଛୋଟ ଶିଶୁଟିଏ ପରି ଯଦି ଆସ/ ଛାତିରେ ଲଗାଇ/ ଶାଢ଼ି କାନିରେ ମାଆ ପୋଛି ଦେବ ଧୂଳି/ ମାଟିର ସେ ଧୂଳି ମା’ ମା’ ବାସେ ।’ ‘ମାଟି’ ଦୀର୍ଘ କବିତାର ପ୍ରତିଟି ଭାଗ ଖୁବ୍ ସୁନ୍ଦର ।

ସେହିପରି ୬ଟି କବିତା ବିଶିଷ୍ଟ ଦୀର୍ଘକବିତା ‘ଦର୍ପଣ’ ମଧ୍ୟ ଉଲ୍ଲେଖ ଯୋଗ୍ୟ । ‘ତୁମେ କେମିତି ଧରି ରଖିପାରିଲ ସେ ଛବି/ ପାଖରେ ଏତେ ଅନ୍ଧକାର ସତ୍ତ୍ୱେ / ଓ ! ତୁମେ ପରା ରକ୍ତ ମାଂସର ଜୀବନ୍ତ ଆଇନା/ ପୁଣି କ’ଣ ହେଲା... ଶରୀରରୁ ଛିଟିକି ପଡ଼ିଛି କିଛି ଭଙ୍ଗା କାଚ/ ସବୁ ସତ ଦେଖି ନପାରି/ ସତକୁ ସତ ତୁମେ ଭାଙ୍ଗିଗଲ ନା ।’

\+ + + +

ଶ୍ରୀନିବାସଙ୍କର ଏହି କବିତା ସଂକଳନର ସବୁଯାକ କବିତା ତାଙ୍କର କାବ୍ୟ ଚେତନାକୁ ପ୍ରତିଷ୍ଠିତ କରିଛନ୍ତି । ତାଙ୍କର କାବ୍ୟଶୈଳୀ ସଂଗଠିତ ଓ ପ୍ରତିଷ୍ଠିତ ହୋଇଛି ଏଠାରେ । ତାଙ୍କର ସ୍ୱର ପ୍ରଚ୍ଛନ୍ନ, ଭାରି ସୂକ୍ଷ୍ମ । ଯେମିତି ‘ଭଗ୍ନାଂଶ’ କବିତାଟିରେ; ‘ମିଶାଣ ଫେଡାଣ ପରେ ହରିବା ତ ସହଜ/ ମୋତେ ହରିଲନି ଯେ... କହିଥିଲ ହରିବ ବୋଲି ।’ ହରିବା ବା ଭାଗକରିବା ଶବ୍ଦଟି ହଠାତ୍ ଆଶ୍ଚର୍ଯ୍ୟ କରି ମୋଡ଼ିହୋଇ ଯାଇଛି, ‘ହରଣଚାଳ’ ଶବ୍ଦଟି ଆଡ଼େ । ତୁମେ ହରିବ କ’ଣ ! ତୁମକୁ ତ ହରଣଚାଳ ଜଣାନାହିଁ ।’

କବିତା ଭିତରେ ସେ ମଣିଷକୁ ଶିଖାଇଛନ୍ତି ଦୃଢ଼ ଭାବରେ ଜୀବନ ବଞ୍ଚିବାର ସୂତ୍ର : ‘ପାଳିରଖ ପ୍ରିୟ ଶତ୍ରୁଟିଏ’ । ଶତ୍ରୁଟିଏ ପ୍ରିୟ ହୋଇ ଯାଏ ? ଯଦି ଆମେ ହିଂସାତ୍ମକ ଭାବରେ ନରହି ବି ପ୍ରତରୋଧ ଶକ୍ତି ବଢ଼ାଇପାରୁ ।

ଏହି ସୁନ୍ଦର କବିତା ସଂକଳନଟି ଶ୍ରୀନିବାସଙ୍କର କାବ୍ୟ ଜୀବନର ଅସୀମ ସମ୍ଭାବନାର ପ୍ରମାଣ, ଏହା ପ୍ରଥମ ପଦକ୍ଷେପ ଯଦିଓ, ରାସ୍ତା ଯେହେତୁ ସ୍ପଷ୍ଟ ହୋଇ ଆସିଲାଣି, ସେ ନିଃସନ୍ଦେହରେ ଆଗକୁ ଆଗକୁ ଯିବେ ।

ମୁଁ ତାଙ୍କ କବିତାରୁ ଆଉ ଟିକିଏ ସୀମାହୀନତା, ପ୍ରାଣ ପ୍ରାଚୁର୍ଯ୍ୟ ଓ ନାଟକୀୟତା ଆଶା କରେ, ଆଶା କରେ ଆଉ ଟିକିଏ ଶକ୍ତି ଯାହା ତାଙ୍କ ପରବର୍ତ୍ତୀ ସଂକଳନରେ ନିଶ୍ଚିତ ଭାବରେ ଦେଖିବାକୁ ପାଇବି ।




ମମତା ଦାଶ

୨୧୭ ଏ, କେଦାର ଗୌରୀ ରୋଡ, ଭୁବନେଶ୍ୱର





ଶ୍ରୀନିବାସ ସେଠୀ

ରେଳମୀନାର, କୋଲକାତା-୨୭

ମୋ: ୯୦୨୦୨୦୬୦୪







କବିତା ଯଦି ମଣିଷର ଆତ୍ମାର ସ୍ପନ୍ଦନ ନହୁଏ, ତେବେ ସେ ହୋଇଯାଇପାରେ ନିପୁଣ ଭାଷା କାରୁକାର୍ଯ୍ୟ; କିନ୍ତୁ କବିତା ହୁଏନା । କବିତା ଜଗତରେ ଏବର ତରୁଣ ମୁହଁମାନଙ୍କ ଭିତରେ ଏଭଳି ଜଣେ ଜୀବନ୍ମୟ କବିଙ୍କୁ ମୁଁ ଭେଟେ, ଯାହାଙ୍କ କବିତାର ଭାବସାନ୍ଦ୍ରତା ମୋର ପ୍ରାଣକୁ ସ୍ପନ୍ଦିତ କରେ । ତାଙ୍କ ଭିତରେ ଏକବିଂଶ ଶତାବ୍ଦୀରେ ଓଡ଼ିଆ କବିତାର ଏକ ଉଜ୍ଜ୍ୱଳ ବିଭବ ମୁଁ ଲକ୍ଷ୍ୟ କରିପାରୁଛି । ନା, ତାଙ୍କ କବିତା କେବଳ ଶବ୍ଦ-କାରୁକାର୍ଯ୍ୟ ନୁହେଁ, ଆମ ଆତ୍ମାର ସ୍ୱର । ସେଠି ଆମ ପାଇଁ ଅଛି କଥନିକାର ଉତ୍କଣ୍ଠା, ଅଛି ମନ୍ତ୍ରାୟିତ ସାନ୍ଦ୍ରତା, ସାଧାରଣ ଅଥଚ ଗହନ ଭାବୁକତା ଓ ଏକ ଅନ୍ତରଙ୍ଗ ନିବିଡ଼ତା ।

-ପ୍ରଦୀପ କୁମାର ପଣ୍ଡା



ସାମ୍ପ୍ରତିକ ଓଡ଼ିଆ କବିତାର ମଂଗ ଧରିବାକୁ ଯେଉଁ କେତେଜଣ ତରୁଣ କବିଙ୍କ ହାତ ଆଗକୁ ଲମ୍ବି ଆସୁଥିବା ଦେଖାଯାଉଛି, ସେମାନଙ୍କ ଭିତରୁ କବି ଶ୍ରୀନିବାସ ସେଠୀ ଅନ୍ୟତମ । କାବ୍ୟବସ୍ତୁ ଚୟନ, କବିତାରେ ଭାଷାର ବ୍ୟବହାର, ଜୀବନ ପ୍ରତି ଦୃଷ୍ଟିଭଙ୍ଗୀରେ ତାଙ୍କର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ତାଙ୍କ କବିତାରେ ବାକ୍ ଆଡ଼ମ୍ବର ନାହିଁ, ଶବ୍ଦର ଆଟୋପ ନାହିଁ । ଅତି ଛୋଟଛୋଟ ଦୃଶ୍ୟ ଓ ଘଟଣା ଭିତରେ ସୂକ୍ଷ୍ମ ଭାବମାନଙ୍କୁ ନିଖୁଣ ଭାବରେ ଧରିରଖିବାରେ ରହିଛି ତାଙ୍କର କବିତ୍ୱ । ସ୍ୱଚ୍ଛ ଜଳ-ଗର୍ଭରେ ପ୍ରବାଳ ପରି ତାଙ୍କ କବିତାର ସ୍ୱଚ୍ଛତା ଭିତରୁ ଭାବର ପରିପ୍ରକାଶ । ସତେ ଯେମିତି ପାଠକର ହାତ ଧରି ସେ ପରିକ୍ରମା କରେଇ ଆଣନ୍ତି ତାଙ୍କ କବିତାର ଭାବଭୂମିରେ ।

-ରାମକୃଷ୍ଣ ସାହୁ



ଶ୍ରୀନିବାସ ସେଠୀଙ୍କର କବିତାର ଆଧାରଶିଳା ହେଉଛି ଅନ୍ତର୍ଦୃଷ୍ଟି । ଆମ ଦୃଶ୍ୟମାନ ଜୀବନର ନେପଥ୍ୟରୁ ସେ ତାଙ୍କ କବିତାର ଉପାଦାନମାନ ସଂଗ୍ରହ କରିଥାନ୍ତି । ମଣିଷର ଅସ୍ତିତ୍ୱ ଯେଉଁସବୁ ସଂକଟ ଓ ବିଡ଼ମ୍ବନା ଦେଇ ଯାଏ, ତା ପ୍ରତି ସେ ଏକାଦିକ୍ରମେ ସଂବେଦନଶୀଳ ଆଉ ବିଦ୍ରୁପ-ପରାୟଣ ମଧ୍ୟ । ତାଙ୍କର ଇଙ୍ଗିତଧର୍ମୀ ପ୍ରକାଶଭଙ୍ଗୀ ଆଗକୁ ଆହୁରି ପରିଚ୍ଛନ୍ନ ହେବ ।

-ପବିତ୍ରମୋହନ ଦାଶ

## ଶବ୍ଦଟିଏ ପାଇଁ ସନ୍ନ୍ୟାସୀ ହେବାକୁ ପଡ଼େ

ତା ଆସିବାର ସମୟ ଥାଏ ନା ଫେରିଗଲା ପରେ ଆଉ ଖୋଜିଲେ ମିଳେ ! ତା ଥିବା ସମୟତକ ଯେତେ ପାଗଳାମୀ ! ତାକୁ ଖୋଜିବାକୁ ଯାଇ ପୁଣି କେତେ ଆକୁଳପଣ ! ଶବ୍ଦଟିଏ ପାଇଁ ସନ୍ନ୍ୟାସୀ ହେବାକୁ ପଡ଼େ ।

କବିତା ତ ଭାବନାର ନିବିଡତମ ଆବେଦନ । ମନ ଭିତରର ଏକ ଅଫୁରାଣ ଅନୁରଣନ । ଭାଷାକୁ ତରଳ , ମଧୁର, ସୂକ୍ଷ୍ମ ଓ ସାଙ୍କେତିକ କଳାପରେ ହୁଏତ କବିତାର ରୂପ ମିଳେ ।

ଅଠର ବର୍ଷ ବୟସରେ ମୋ’ର ପ୍ରଥମ କବିତା ‘ବସନ୍ତ ‘ପ୍ରଜାତନ୍ତ୍ର ସାହିତ୍ୟ ପୃଷ୍ଠାରେ ସ୍ଥାନ ପାଇଥିଲା । ତାପରେ ମୁଁ ଦୀର୍ଘ ବର୍ଷ କାଳ ଉତ୍ତର ପ୍ରଦେଶ ଓ ବିହାରର ବ୍ୟସ୍ତ କର୍ମମୟ ଜୀବନ ନେଇ କବିତା ଲେଖି ପାରିନଥିଲି । ସାତ ବର୍ଷ ତଳେ ସୈରେନ୍ଧ୍ରୀ ଅପା ମୋର ଗୋଟିଏ କବିତା ‘ଶବଯାତ୍ରା ‘ଧ୍ୱନିପ୍ରତିଧ୍ୱନିରେ ଓ ‘ଅସରାଏ ବର୍ଷା’ ସାଗରିକାରେ ପ୍ରକାଶିତ କରିଥିଲେ । ପରେ ପରେ ଅନେକ କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେଲା ।

‘ଦର୍ପଣ ପଛର ଛବି ‘ମୋ’ର ପ୍ରଥମ କବିତା ସଂକଳନ । ବହିର ପୃଷ୍ଠଭୂମି ଏହି ପରି କିଛି ।

ତିରିଶ ବର୍ଷ ତଳେ ମୋତେ ଛୁଇଁ ଦେଇଥାଏ ଗୋଟିଏ ବୁଢ଼ା ବରଗଛର ଛାଇ । ମୁଁ ପ୍ରତିଦିନ ହଷ୍ଟେଲ ରୁମ୍‌ର ଝରକା ଦେଇ ଦୂରର ସେହି ବରଗଛ ଛାଇକୁ ଦେଖୁଥିଲି । ବରଗଛ ଛାଇ ତଳେ କିଛି ନିତିଦିନିଆ ଦୃଶ୍ୟଥିଲା । ସେ ଝରକାକୁ ଦିନେ ମୁଁ ଦର୍ପଣ କରି ଟାଙ୍ଗିଲି ଓ ତା ଭିତର ଦେଇ ତା ପଛପଟେ ସେ ବରଗଛ ଛାଇକୁ ଆଉ ଥରେ ଦେଖିଲି । ଏବେ କିନ୍ତୁ ଭିନ୍ନ ଦୃଶ୍ୟ ଦେଖାଗଲା । ଠିକ୍ ସେହି ମୁହୂର୍ତ୍ତରେ ‘ ଝରକା’ କବିତାଟି ସୃଷ୍ଟି ହୁଏ । ତା ପରେ ମୋର ମନେ ହେଲା ମୁଁ ଦର୍ପଣ ସାମନାରେ ଯାହା କିଛି ଦେଖୁଛି ସବୁ ସିନା ସ୍ୱାଭାବିକ ଲାଗୁଛି, ତା ପଛ ପଟେ କିଛି ଦୃଶ୍ୟ ସବୁବେଳେ ଅଦେଖା ରହିଯାଉଛି। ମୁଁ ସେହି ଦୃଶ୍ୟର ମାୟାରେ ପଡିଲି । ପରେ ପରେ ଲେଖିଲି ‘ନାଚ’ । କହିଲି ଯଦି ନାଚିବାର ଅଛି, ଯଦି ନାଚରେ ଆମ୍ଭହରା ହେବାର ଅଛି, ତେବେ ନାଚକୁ ଯୋଡିବାକୁ ପଡ଼ିବ ଜୀବନ ସହ । ଅଣ୍ଡିରା ବାଛୁରୀର ଡିଆଁରୁ ଶିଖିବାକୁ ପଡିବ ସେ ନାଚ , ଉଲ୍ଲାସରେ ପାଦ ଉଠାଇବାକୁ ପଡିବ, ଯେମିତି ମୈଥୁନ ପୂର୍ବରୁ ନାଚି ନାଚି କୁକୁଡ଼ା ଉଠାଏ ପାଦ ।’

ଗୋଟିଏ ବେଶ୍ୟାର ଶରୀର ହିଁ ଏକ ଆବେଗହୀନ ଶ୍ମଶାନ । ତା’ର ତନୁତୀର୍ଥ ହିଁ ଆଉ ଗୋଟିଏ ମରଣ । ତା ଦ୍ୱାରସ୍ଥ ପ୍ରତ୍ୟେକ କାମନାର୍ଥୀ ଏକ ଏକ ଜୀଅନ୍ତା ଶବ । ମୋ’ର ଏଇ କବିତା ‘ଶ୍ମଶାନ’ । ଏଇମିତି ଅଠାବନଟି କବିତା ମୁଁ ଏହି ବହିରେ ରଖିଛି । ଅଧିକାଂଶ କବିତାର ଦୁଇଟି ଛବି , ଗୋଟିଏ ଦର୍ପଣ ସାମାନାରେ ଆଉ ଗୋଟିଏ ଦର୍ପଣ ପଛ ପଟେ । ଯିଏ ଯେମିତି ଦୃଷ୍ଟି ଭଙ୍ଗୀ ନେଇ ଦେଖବ, ସେଇମିତି ଅବିକଳ ଦିଶିବ ।



ଶ୍ରୀନିବାସ ସେଠୀ

# ଯୋଗ ହେଉଛି ମହାନ ଭାରତୀୟ ପରମ୍ପରାର ବିଶ୍ୱକୁ ଗୌରବମୟ ଅବଦାନ : ଏମ୍ସ ନିର୍ଦ୍ଦେଶକ



ଭୁବନେଶ୍ୱର,୨୧/୦୬ (ନି.ପ୍ର): ଯୋଗ ହେଉଛି ମହାନ ଭାରତୀୟ ପରମ୍ପରାର ବିଶ୍ୱକୁ ଗୌରବମୟ ଅବଦାନ। ଏହା ସମଗ୍ର ବିଶ୍ୱରେ ପ୍ରାଚୀନ ସନାତନ ସଂସ୍କୃତିର ପ୍ରଚାର କରୁଛି, ଯାହାକି ଭାରତର ବିଶ୍ୱଗୁରୁ ପରିଚୟକୁ ପ୍ରତିପାଦିତ କରୁଛି। ଆଜି ଏମ୍ସ ପରିସରରେ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ ଅବସରରେ ଏପରି ମତବ୍ୟକ୍ତ କରିଛନ୍ତି ଏମ୍ସ ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ।
ଏହି ଅବସରରେ ମେଡିକାଲ ଅଧୀକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି, ଡିନ ଡାକ୍ତର ଦେବାଶିଷ ହୋତା, ଆୟୁଷ ବିଭାଗ ନୋଡାଲ ଅଧିକାରୀ ମେଜର ଏମ ସି ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଯୋଗ ଅଧ୍ୟାପକ ଅଜୟ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଡାକ୍ତର, ନର୍ସିଂ ଅଧିକାରୀ, ମେଡିକାଲ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆୟୁଷ ବିଭାଗର ବରିଷ୍ଠ ଅଧ୍ୟାପକ ଡାକ୍ତର ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଯୋଗ ପ୍ରଶିକ୍ଷକ ସନ୍ତୋଷ ସାହୁ ଯୋଗାଭ୍ୟାସ କରାଇଥିଲେ। ଆୟୁଷ(ହୋମିଓପ୍ୟାଥିକ) ଡାକ୍ତର ଶୁଭାଶିଷ ସରକାର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠାରୁ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭେଲାନ୍ସ



ଭୁବନେଶ୍ୱର ,୨୧/୦୬ (ନି.ପ୍ର): ଆଜିଠାରୁ ରାଜ୍ୟରେ ୩ମାସ ପାଇଁ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭେଲାନ୍ସ ଆରମ୍ଭ ହେବ। ଆଶା କର୍ମୀମାନେ ଘରକୁ ଘର ବୁଲି କୋଭିଡ ସନ୍ଦିଗ୍ଧଙ୍କ ସମେତ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ରୋଗୀଙ୍କୁ ଖୋଜିବେ। ରାଜ୍ୟରେ କୋଭିଡ ସଂକ୍ରମଣ ବଢୁଥିବା ବେଳେ ଏଭଳି ସର୍ଭେଲାନ୍ସ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ରାଜ୍ୟରେ ଏବେ କରୋନା ସଂକ୍ରମଣ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ସଂକ୍ରମଣ ମାଡ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଚିନ୍ତାଜନକ ନ ଥିବା କହୁଛନ୍ତି। ଗତ ୨୪ଘଣ୍ଟାରେ ୪୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇନ୍ତି। ଏଥିରେ ଖୋର୍ଦ୍ଧାରୁ ସର୍ବାଧିକ ୩୦, ବାଲେଶ୍ୱର ୪, ଝାରସୁଗୁଡ଼ା, ନୂଆପଡ଼ା, ପୁରୀ, ରାୟଗଡ଼ା, ସୁନ୍ଦରଗଡ଼ରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲରୁ ୭ଜଣଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟରେ ବର୍ତ୍ତମାନସୁଦ୍ଧା ୧୨ଲକ୍ଷ ୮୮ହଜାର ୮୯୭କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଜି ୨୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏବେ ୨୩୯ ଚିକିତ୍ସାଧୀନ ରୋଗୀ ରହିଛନ୍ତି। ଖୋର୍ଦ୍ଧାରେ ସର୍ବାଧିକ ୧୩୫ଜଣ ଆକ୍ରାନ୍ତ ଅଛନ୍ତି। ଏବେ ୧୨ଟି ଜିଲ୍ଲା କରୋନାମୁକ୍ତ ରହିଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କୋଭିଡ ସଂକ୍ରମଣ ଧୀରେ ଧୀରେ ବଢୁଛି। ମାତ୍ର ସ୍ଥିତି ଉଦ୍‌ବେଗଜନକ ନାହିଁ। ଏବେ କୋଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁରୁଣା ଷ୍ଟ୍ରାଟେଜି ଗ୍ରହଣ କରାଯାଇଛି। ଟିକାକରଣଠାରୁ ଆରମ୍ଭ କରି ସର୍ଭେଲାନ୍ସକୁ ଜୋରଦାର କରାଯାଇଛି। ଭିଡ଼ ଜାଗାକୁ ଯାଉଥିଲେ ମାସ୍କ ପିନ୍ଧିବା ଉଚିତ୍। ଏପରିକି ଟିକା ନେଇଥିଲେ ବି ମାସ୍କ ପିନ୍ଧନ୍ତୁ। ତାହାଲେ ସୁରକ୍ଷିତ ରହିବେ। ଆସନ୍ତାକାଲିଠାରୁ ଇଣ୍ଟିଗ୍ରେଟେଡ୍ ସର୍ଭେଲାନ୍ସ ଆରମ୍ଭ ହେଉଛି। ଘରକୁ ଘର ବୁଲି ରୋଗୀଙ୍କୁ ଚିହ୍ନଟ କରାଯିବ। ଚିହ୍ନଟ ରୋଗୀଙ୍କୁ ଆଇସୋଲେସନ୍ କରାଯାଇ ଚିକିତ୍ସା କରାଯିବ। ଲ୍ୟାବ୍ ଟେଷ୍ଟ, ଆରଆରଟି, ସର୍ଭେଲାନ୍ସ ଆଦିରେ ଆବଶ୍ୟକ ମାନବ ସମ୍ବଳ ବଢ଼ାଇବାକୁ ସବୁ ମେଡିକାଲ କଲେଜକୁ ନିର୍ଦ୍ଦେଶ ଦିଆଯାଇଥିବା ଡା.ମହାପାତ୍ର କହିଛନ୍ତି।

# କୋଣାର୍କକୁ ରେଳଲାଇନ ପାଇଁ ଖୁବ ଶୀଘ୍ର ସର୍ଭେ ହେବ: କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୨୧/୦୬ (ନି.ପ୍ର): କୋଣାର୍କକୁ ରେଳ ଲାଇନ ପାଇଁ ଖୁବ ଶୀଘ୍ର ହେବ ସର୍ଭେ। ପୁରୀ କିମ୍ବା ଅନ୍ୟ କେଉଁଠୁ ସଂଯୋଗ ହେବ ସେ ନେଇ ସର୍ଭେ ହେବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।
ଏହାଛଡ଼ା ସେ ଆହୁରି କହିଛନ୍ତି, ଖୁବ ଶୀଘ୍ର ଓଡ଼ିଶାରେ ଆରମ୍ଭ ହେବ ୫ଜି ସେବା। ୫ଜିର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାରେ ମଧ୍ୟ ଆରମ୍ଭ ହେବ ବୋଲି କହିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ-ସେପ୍ଟେମ୍ବରରୁ ଭାରତର ୨୦-୨୫ଟି ସହର ରେ ଏହି ସେବା ଆରମ୍ଭ ହେଉଛି। ଏଥିରେ ଓଡ଼ିଶାର କୌଣସି ସହର ନାହିଁ।
ଅଗ୍ନିପଥ ଯୋଜାନାକୁ ନେଇ ରାଜନୀତି ନକରିବାକୁ ନିବେଦନ କରିଛନ୍ତି ରେଳମନ୍ତ୍ରୀ । ଭାରତୀୟ ଡ଼ିଫେନ୍ସ ସୁରକ୍ଷା ଏବଂ ଭବିଷ୍ୟତ ଦେଖି ଏହି ଯୋଜନାର ପରିକଳ୍ପନା କରାଯାଇଛି। ଏହାକୁ ସ୍ୱାଗତ କରିବା ଅଦରକାର ଅଯଥା ରାଜନୀତି ନହେଉ। ଏହା ସହ ଯୁବ ବର୍ଗକୁ ଅନୁରୋଧ ରେଳ, ବସଷ୍ଟାଣ୍ଡ, ରାସ୍ତାଘାଟ ଆପଣଙ୍କର ବି ସଂପତ୍ତି। ତେଣୁ ଜାତୀୟ ସଂପତ୍ତି ନଷ୍ଟ କରାନ ଯାଉ।ଏହାକୁ ସୁରକ୍ଷା ଦେବା ଆପଣଙ୍କ ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

# ଦେଶରେ ବି ସୁରକ୍ଷିତ ନୁହନ୍ତି ମହାବଳ: ସାଢ଼େ ୫ ମାସରେ ୮୧ ମଲେଣି



ଭୁବନେଶ୍ୱର ,୨୧/୦୬ (ନି.ପ୍ର): ସାଢ଼େ ୫ ମାସରେ ଦେଶରେ ୮୧ ମହାବଳ ମଲେଣି। ମଧ୍ୟପ୍ରଦେଶରେ ପ୍ରତି ସପ୍ତାହରେ ଗୋଟିଏ ଲେଖାଏଁ ମରୁଛନ୍ତି। ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ବି ସ୍ଥିତି ସଙ୍ଗୀନ। ଓଡ଼ିଶାରେ ବି ଏହି ସମୟ ମଧ୍ୟରେ ଦୁଇଟି ମହାବଳଙ୍କ ଜୀବନ ଯାଇଛି। ୬୨ଟି ବାଘଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିବା ବେଳେ ୧୯ଟିକୁ ଶିକାର କରାଯାଇଛି। ବିଭିନ୍ନ ସ୍ଥାନରୁ ବାଘଛାଲ ବି ଜବତ ହୋଇଛି। ମହାବଳଙ୍କ ମୃତ୍ୟୁ ନେଇ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟି ଅଫ୍ ଇଣ୍ଡିଆ(ଡବ୍ଲୁଏଲ୍‌ପିଏସ୍) ପକ୍ଷରୁ ଜାରି ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୧ରେ ୧୭୧ଟି ବାଘଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ଏବେ ସୁଦ୍ଧା ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହାକୁ ଦେଖିଲେ ମହାବଳଙ୍କ ମୃତ୍ୟୁ ଏବର୍ଷ ସବୁ ରେକର୍ଡ ଭାଙ୍ଗିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଆକଳନ କରିଛନ୍ତି। କେବଳ ମହାବଳ ମରୁ ନାହାନ୍ତି, କଲରାପତରିଆଙ୍କ ମୃତ୍ୟୁ ବି ଚିନ୍ତା ବଢ଼ାଇଛି। ଜାନୁଆରିରୁ ଏପର୍ଯ୍ୟନ୍ତ ୨୮୦ଟି କଲରାପତରିଆଙ୍କ ଜୀବନ ଯାଇଛି। ସେଥିମଧ୍ୟରୁ ୧୮୬ଟି ସ୍ୱାଭାବିକ ଭାବେ ମରିଛନ୍ତି ଏବଂ ୯୪ଟି ଶିକାରୀଙ୍କ ପଞ୍ଝାରେ ପଡ଼ିଛନ୍ତି। ଅର୍ଥାତ୍ ଏବର୍ଷ ପ୍ରତି ମାସରେ ପାଖାପାଖି ୫୪ଟି ଲେଖାଏଁ କଲରାପତରିଆଙ୍କ ମୃତ୍ୟୁ ହୋଇଛି। ଓଡ଼ିଶାରୁ ପାଖାପାଖି ୧୩ଟି କଲରାପତରିଆଙ୍କ ମୃତ୍ୟୁ ହେବା ନେଇ ଡବ୍ଲୁଏଲ୍‌ପିଏସ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।
କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଅଧୀନ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଦ୍ୱାରା ପ୍ରଦତ୍ତ ତଥ୍ୟ କିନ୍ତୁ ମହାବଳଙ୍କ ମୃତ୍ୟୁ ନେଇ ଭିନ୍ନ କଥା କହୁଛି। ସାଢ଼େ ୫ ମାସରେ ୬୭ଟି ମହାବଳଙ୍କ ଜୀବନ ଯାଇଛି। ମଧ୍ୟପ୍ରଦେଶରେ ୨୩, ମହାରାଷ୍ଟ୍ରରେ ୧୪, କର୍ଣ୍ଣାଟକରେ ୧୦, ଆସାମରେ ୫, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ରାଜସ୍ଥାନରେ ୩ଟି ଲେଖାଏଁ ମରିଛନ୍ତି। ଓଡ଼ିଶା ସମେତ ବିହାର, ଛତିଶଗଡ଼ରେ ଗୋଟିଏ ଲେଖାଏଁ ମହାବଳଙ୍କ ମୃତ୍ୟୁ ହୋଇଛି। ଅଭୟାରଣ୍ୟ ଭିତରେ ୪୦ଟି ମହାବଳଙ୍କ ଜୀବନ ଯାଇଥିବା ବେଳେ ବାକି ୨୭ଟି ଅଭୟାରଣ୍ୟ ବାହାରେ ମରିଛନ୍ତି। କେବଳ ଏହି ବର୍ଷ ନୁହେଁ, ଗତ ୮ ବର୍ଷ ମଧ୍ୟରେ ଅଭୟାରଣ୍ୟ ଭିତରେ ବହୁ ମହାବଳଙ୍କ ମୃତ୍ୟୁ ଘଟିଛି। ୨୦୧୨ରୁ ୨୦୨୦ ମଧ୍ୟରେ ଅଭୟାରଣ୍ୟ ଭିତରେ ୫୫.୭୮%, ଅଭୟାରଣ୍ୟ ବାହାରେ ୩୧.୬୨% ଓ ୧୨.୬୦% ବାଘଙ୍କ ଚମଡ଼ା ଜବତ କରାଯାଇଛି। ୨୦୨୨ରେ ୧୪ଟି ଶାବକଙ୍କର ମୃତ୍ୟୁ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ସମ୍ପର୍କରେ ଏନ୍‌ଟିସିଏ ଯେଉଁ ତଥ୍ୟ ଦେଇଛି, ତାହାକୁ ଅନୁଧ୍ୟାନ କଲେ ଏବର୍ଷ ଗୋଟିଏ ମହାବଳ ମରିଛି। ବାରିପଦା ସର୍କଲ କେନ୍ଦୁଝର ବନଖଣ୍ଡର ବ୍ରାହ୍ମଣୀପାଳ ରେଞ୍ଜରେ ଗତ ମେ’ ୧୯ ତାରିଖରେ ବୟସ୍କ ମହାବଳର ମୃତ୍ୟୁ ଘଟଛି। ଏହି ଅଞ୍ଚଳ ଅଭୟାରଣ୍ୟ ବାହାରେ ଆସୁଛି। ୨୦୧୨ରୁ ଏପର୍ଯ୍ୟନ୍ତ ଓଡ଼ିଶାରେ ମରିଥିବା ୮ଟି ମହାବଳଙ୍କ ମଧ୍ୟରୁ ଅଧା କେବଳ ଶିମିଳିପାଳ ଅଭୟାରଣ୍ୟରେ। ଏଠାରେ ୪ଟି ମହାବଳଙ୍କ ଜୀବନ ଯାଇଥିବା ବେଳେ ସାତକୋଶିଆରେ ଗୋଟିଏ ମରିଛି। ବାକି ୩ଟି ଅଭୟାରଣ୍ୟ ବାହାରେ ମରିଥିବା ନେଇ ଏନ୍‌ଟିସିଏ ପକ୍ଷରୁ କୁହାଯାଇଛି। ଏନ୍‌ଟିସିଏ ସୂଚନା ଅନୁଯାୟୀ, ୨୦୧୨ରେ ଦେଶରେ ୮୮ଟି, ୨୦୧୩ରେ ୬୮, ୨୦୧୪ରେ ୭୯, ୨୦୧୫ରେ ୮୨ଟି ମହାବଳଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପ୍ରତିବର୍ଷ ମହାବଳଙ୍କ ମୃତ୍ୟୁ ହାର ଶହେ ତଳକୁ ଖସିନି। ୨୦୧୬ରେ ୧୨୧, ୨୦୧୭ରେ ୧୧୬, ୨୦୧୮ରେ ୧୦୨, ୨୦୧୯ରେ ୯୫ ଓ ୨୦୨୦ରେ ୧୦୬ଟି ବାଘଙ୍କର ମୃତ୍ୟୁ ହୋଇଛି। ୨୦୨୧ରେ ଦେଶରେ ୧୨୭ ବାଘଙ୍କ ମୃତ୍ୟୁ ହୋଇଛି। ଅର୍ଥାତ ୨୦୧୨ରୁ ୨୦୨୧ ମଧ୍ୟରେ ଦେଶରେ ୯୮୪ଟି ବାଘଙ୍କର ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ଥିବା ବେଳେ ତା’ ତଳକୁ ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ତାମିଲନାଡୁ, ଆସାମ ଆଦି ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ୭ଟି ବାଘଙ୍କର ମୃତ୍ୟୁ ହୋଇଥିଲା।

# ଭାସମାନ ଅବସ୍ଥାରେ ଯୋଗାସନ କରିଲେ ଓଡ୍ରାଫ ଯବାନ



ଭୁବନେଶ୍ୱର,୨୧/୦୬ (ନି.ପ୍ର): ବିଶ୍ୱ ଆଜି ଯୋଗ ଲାଗି ଉତ୍ସବମୁଖର। ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ମଧ୍ୟ ପାଳନ କରାଯାଉଛି। ହେଲେ ଭାସମାନ ଅବସ୍ଥାରେ ଯୋଗାସନ କରି ଏକ ନିଆରା ଅଭ୍ୟାସର ପ୍ରଦର୍ଶନ କରିଛନ୍ତି ଓଡ୍ରାଫ ଯବାନ। ଭୁବନେଶ୍ୱର ସପ୍ତମ ବାଟାଲିୟନରେ ଚାଲିଛି ଏଭଳି ନିଆରା ଯୋଗାସନ। ପ୍ରାକୃତିକ ଦୁର୍ବିପାକରେ ମଣିଷଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ଓଡ୍ରାଫ ଯବାନମାନେ ଏବେ ଭାସମାନ ଅବସ୍ଥାରେ ଯୋଗାସନ କରିଛନ୍ତି। ସେମାନେ ପାଣି ଭିତରେ ଜୟହିନ୍ଦର ଡାକରା ଦେଇଛନ୍ତି। ଅଶୋକ ବରାଳ ଏହି ଜଳ ଯୋଗର ପ୍ରଶିକ୍ଷଣ ଦେଇଛନ୍ତି।
କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋଣାର୍କରେ ଅନୁଷ୍ଠିତ ଯୋଗ ଦିବସରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଛନ୍ତି। ଠିକ୍ ସେହିପରି ପୁରୀଠାରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଡାକ୍ତର ସମ୍ବିତ ପାତ୍ର ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏଣେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୟୂରଭଞ୍ଜ ଜିଲ୍ଲାର ଖିଚିଂଠରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗାଭ୍ୟାସରେ ସାମିଲ ହୋଇଛନ୍ତି। କରୋନା ମହାମାରୀ ପାଇଁ ଦୀର୍ଘ ୨ ବର୍ଷ ହେବ ଭର୍ଚୁଆଲ ଭାବେ ଯୋଗ ଦିବସ ପାଳିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଭର୍ଚୁଆଲ ନୁହେଁ, ବରଂ ସିଧାସଳଖ ଲୋକମାନେ ଯୋଗ ଦିବସ ଅଭିମୁଖେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୩ କରୋନା ପଜିଟିଭ ଚିହ୍ନଟ : ୫ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୧/୦୬ (ନି.ପ୍ର): ଆଜି ରାଜ୍ୟରେ ପୁଣି ବଢ଼ିଛି କରୋନା ସଂକ୍ରମଣ। ଗତକାଲି ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୦ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୮ଟି ଜିଲ୍ଲାରୁ ୫୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୨ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୪ ଜଣ, ଜଗତସିଂହପୁର ଜିଲ୍ଲାରୁ ୨ ଜଣ ଝାରସୁଗୁଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୨ ଜଣ, ପୁରୀ ଜିଲ୍ଲାରୁ ୩, ସମ୍ବଲପୁର ଜିଲ୍ଲାରୁ ୨ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଓ ଷ୍ଟେଟପୁଲରୁ ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।
ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୯୫୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୯, ୪୭୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୯୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କ୍ୟାନ୍‌ସର ବିଜେତାଙ୍କ ଦୁଃସାହସିକ ପର୍ବତାରୋହଣ

ଭୁବନେଶ୍ୱର ,୨୧/୦୬ (ନି.ପ୍ର): ଦୃଢ଼ ଆତ୍ମବଳ ଆଗରେ ମୃତ୍ୟୁ ବି ହାର ମାନେ । ବଞ୍ଚିବାର ଇଛା ଥିଲେ ମୃତ୍ୟୁ ବି ସାମ୍ନାକୁ ଆସିବାକୁ ଭୟ କରେ। କ୍ୟାନ୍‌ସରକୁ ମାତ୍‌ଦେଇ ଆଉ ଏକ ଜୀବନ ପାଇଥିବା କଟକର ଝିଅ ସ୍ୱାଗତିକାଙ୍କର ସାହସର କଥା ଯେତେ କହିଲେ ବି କମ୍ ହେବ। କ୍ୟାନସର ପୀଡ଼ିତଙ୍କୁ ବଞ୍ଚିବାର ମନ୍ତ୍ର ଦେଉଥିବା ସ୍ୱାଗତିକା ଏବେ ଦୁଃସାହସିକ ପର୍ବତାରୋହଣ ପାଇଁ ଚର୍ଚ୍ଚାରେ। ଉତ୍ତରାଖଣ୍ଡର ଡେରାଡୁନ୍‌ରୁ ଦିନାରା ବୁଗିଆଲ୍ ପର୍ଯ୍ୟନ୍ତ ୧୧,୮୩୦ ଫୁଟ ଉଚ୍ଚତାକୁ ଯାତ୍ରା କରିଛନ୍ତି ସ୍ୱାଗତିକା । ସାଙ୍ଗରେ ଥିଲେ ତାଙ୍କ ବାପା ମନୋରଂଜନ ଆଚାର୍ଯ୍ୟ ଏବଂ ଭୁବନେଶ୍ୱରର ଆପୋଲୋ କର୍କଟ କେନ୍ଦ୍ରର ଡାକ୍ତର ସଞ୍ଜୟ ମିଶ୍ର। ସୂଚନା ଅନୁସାରେ, କର୍କଟ ରୋଗକୁ ମାତ୍ ଦେଇଥିବା ଦେଶର ବିଭିନ୍ନ ପ୍ରାନ୍ତରୁ ଆଠ ଜଣ କ୍ୟାନସର ଯୋଦ୍ଧା ଏଥିରେ ସାମିଲ୍ ହୋଇଥିଲେ । କେବଳ ଶାରୀରିକ ନୁହେଁ, ମାନସିକ ସ୍ତରରେ କର୍କଟ ଉପରେ ଜିତିବା ଉଦ୍ଦେଶ୍ୟରେ ଏହିଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଦଳରେ ସ୍ୱାଗତିକା ସବୁଠାରୁ କନିଷ୍ଠ ହୋଇଥିବାବେଳେ ଡେରାଡୁନ୍‌ର ୭୨ ବର୍ଷୀୟ ବୈଜ୍ଞାନିକ ଡ. କୁନାଲ କୁମାର ଦାସ ଥିଲେ ସବୁଠୁ ବୟସ୍କ । ୫ ଦିନିଆ ଏହି ଟ୍ରେକିଂରେ ସଭିଏଁ କ୍ୟାନ୍‌ସର ମୁକାବିଲାର ଅନୁଭୂତିକୁ ପରସ୍ପରକୁ ବାଣ୍ଟିଥିଲେ। ଟ୍ରେକିଂ ସମୟରେ ୮ ରୁ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରା ଥିଲା। ରାତିରେ ପାରଦ ଖସୁଥିଲା। କିନ୍ତୁ, ଶୀତ ଓ ପାହାଡିଆ ରାସ୍ତାକୁ ଖାତିର ନକରି ସଭିଏଁ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ସଂକଳ୍ପ ନେଇଥିଲେ। ଏହି ଯାତ୍ରାରେ ସାମିଲ ହୋଇଥିବା ସ୍ୱାଗତିକା ରାଜ୍ୟ ତଥା ରାଜ୍ୟ ବାହାରେ କ୍ୟାନସର ସମ୍ପର୍କରେ ସଚେତନ କରିଆସୁଛନ୍ତି।

# ଓଡ଼ିଶାରେ ଯୋଗାଭ୍ୟାସରେ ସାମିଲ ହେଲେ ତିନି କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୧/୦୬ (ନି.ପ୍ର): ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋଣାର୍କରେ ଅନୁଷ୍ଠିତ ଯୋଗ ଦିବସରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଛନ୍ତି। ଠିକ୍ ସେହିପରି ପୁରୀଠାରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର ଓ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଡାକ୍ତର ସମ୍ବିତ ପାତ୍ର ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏଣେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୟୂରଭଞ୍ଜ ଜିଲ୍ଲାର ଖିଚିଂଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗାଭ୍ୟାସରେ ସାମିଲ ହୋଇଛନ୍ତି। କରୋନା ମହାମାରୀ ପାଇଁ ଦୀର୍ଘ ୨ ବର୍ଷ ହେବ ଭର୍ଚୁଆଲ ଭାବେ ଯୋଗ ଦିବସ ପାଳିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଭର୍ଚୁଆଲ ନୁହେଁ, ବରଂ ସିଧାସଳଖ ଲୋକମାନେ ଯୋଗ ଦିବସ ଅଭିମୁଖେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି।ଏଣେ ବିଶ୍ୱ ଯୋଗ ଦିବସ ପାଇଁ କର୍ଣ୍ଣାଟକର ଐତିହ୍ୟ ସହର ମହୀଶୂରରେ ଜାତୀୟସ୍ତରୀୟ ସମାବେଶର ଆୟୋଜନ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗାଭ୍ୟାସ କରିଛନ୍ତି। ଏଥିରେ ପ୍ରାୟ ୧୫ ହଜାର ଲୋକଙ୍କ ସହ ଯୋଗ କରିଛନ୍ତି ପ୍ରଧାନମନ୍ତ୍ରୀ। କାର୍ଯ୍ୟକ୍ରମର ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଯୋଗ ଜୀବନରେ ଶାନ୍ତି ଆଣିଦିଏ। ଯୋଗ ଦ୍ୱାରା ସାରା ଦେଶର ନାଗରିକଙ୍କୁ ଏକତ୍ର କରିହେବ। ପ୍ରତ୍ୟେକ ପ୍ରତ୍ୟହ ଯୋଗ କରିବାକୁ ଭୁଲିବେ ନାହିଁ।

# ୫ଜି ସେବାରୁ ବଞ୍ଚିତ ସ୍ମାର୍ଟ ସିଟି : ପ୍ରଥମ ପର୍ଯ୍ୟାୟ ସେବାରେ ଓଡ଼ିଶାକୁ ଅଣଦେଖା

ଭୁବନେଶ୍ୱର ,୨୧/୦୬ (ନି.ପ୍ର): ଦେଶର ପ୍ରାୟ ୨୫ଟି ସହରରେ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରୁ ୫ଜି ମୋବାଇଲ୍ ସେବା ଆରମ୍ଭ ହେବ ବୋଲି କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବିଡ଼ମ୍ବନାର ବିଷୟ ଯେ ସମ୍ଭାବ୍ୟ ସହର ତାଲିକାରେ ଓଡ଼ିଶାର କୌଣସି ସହରର ନାମ ନାହିଁ। ଓଡ଼ିଶା ଠାରୁ କମ୍ ଟେଲି ସାନ୍ଦ୍ରତା ଥିବା ରାଜ୍ୟ ଉତ୍ତରପ୍ରଦେଶରେ ୫ଜି ସେବା ଆରମ୍ଭ ହେବାକୁ ଥିବାବେଳେ ଓଡ଼ିଶାରେ କାହିଁକି ଆରମ୍ଭ ହେଉନି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି। କେବଳ ଏତିକି ନୁହେଁ। ପ୍ରଥମ ପର୍ଯ୍ୟାୟରେ ଗୁଜୁରାଟର ତିନିଟି ସହର ଅହମଦାବାଦ, ଗାନ୍ଧୀନଗର ଓ ଜାମ୍‌ନଗର; ମହାରାଷ୍ଟ୍ରର ଦୁଇଟି ସହର ମୁମ୍ବାଇ ଓ ପୁନେରେ ୫ଜି ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଯେଉଁ ସବୁ ସହରକୁ ପଛରେ ପକାଇ ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିଲା ସେଠାରେ ପ୍ରଥମ ପର୍ଯ୍ୟାୟରେ ୫ଜି ସେବା ଆରମ୍ଭ ହେଉଥିବା ବେଳେ ଭୁବନେଶ୍ୱରକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଓଡ଼ିଶାରେ ଭୁବନେଶ୍ୱର ଓ ରାଉରକେଲା ଦୁଇଟି ସ୍ମାର୍ଟ ସିଟି ଥିବାବେଳେ ଏଠାରେ ଟେଲି ସାନ୍ଦ୍ରତା ଦେଶର କିଛି ବଡ଼ ସହର ସହ ସମକକ୍ଷ। ହେଲେ ଭୁବନେଶ୍ୱର କି ରାଉରକେଲାରେ ୫ଜି ସେବା ଆରମ୍ଭ କରିବାକୁ କେନ୍ଦ୍ର ଟେଲିକମ୍ ମନ୍ତ୍ରଣାଳୟର ଯୋଜନା ନାହିଁ। ଯେତେବେଳେ କି ମଧ୍ୟପ୍ରଦେଶର ଭୋପାଳ ସହର ପ୍ରଥମ ୫ଜି ସୁବିଧା ଥିବା ସ୍ମାର୍ଟ ସିଟି ହେବାକୁ ଯାଉଛି। ମଧ୍ୟପ୍ରଦେଶ ସରକାର ଏ ନେଇ ଘୋଷଣା କରିସାରିଛନ୍ତି। କେନ୍ଦ୍ର ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୩ଟି ସହର ଅହମଦାବାଦ, ବେଙ୍ଗାଲୁରୁ, ଚଣ୍ଡୀଗଡ଼, ଚେନ୍ନାଇ, ଦିଲ୍ଲୀ, ଗାନ୍ଧୀ ନଗର, ଗୁରୁଗ୍ରାମ, ହାଇଦ୍ରାବାଦ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଓ ପୁନେରେ ପରୀକ୍ଷାମୂଳକ ଭାବେ ୫ଜି ସେବା ଆରମ୍ଭ ହେବ। ତାହା ପରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଟେଲିକମ୍ ସଂସ୍ଥା ଏବଂ ଟେଲିକମ୍ ମନ୍ତ୍ରଣାଳୟ ଉପରେ ଚାପ ପକାଇ ପରୀକ୍ଷାମୂଳକ ଭାବେ ୫-ଜି ସେବା ଆରମ୍ଭ କରିଛନ୍ତି। ହେଲେ ଓଡ଼ିଶା ସରକାର ନା ଟେଲିକମ୍ ମନ୍ତ୍ରଣାଳୟ ନା ଟେଲିକମ୍ ସଂସ୍ଥା କାହାକୁ ବି ଅନୁରୋଧ କରିନାହାନ୍ତି କି ଚାପ ପକାଇ ନାହାନ୍ତି। କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବେଳେ ଭୁବନେଶ୍ୱର ମଧ୍ୟ ୫-ଜି ସେବା ତାଲିକାରେ ସ୍ଥାନ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ସହରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି।

## ଯୋଗ ହିଁ ମାନସିକ ଓ ଶାରିରୀକ ସୁସ୍ଥ ଦେବାରେ ସମର୍ଥ : ତାଲୁକ ଲିଗାଲ ଅଧ୍ୟକ୍ଷ

ଜଳେଶ୍ୱର, ୨୧/୦୬ (ନି.ପ୍ର): ଆଜି ଆନ୍ତର୍ଜାତୀକ ଦିବସ ଉପଲକ୍ଷେ ବାଲେଶ୍ୱର ଜିଲାର ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ତାଲୁକ ଲିଗାଲ ସର୍ଭିସେସ୍ ଓ +୨, +୩ ର ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଯୋଗ ଶିବିର ପରେ ଜଳେଶ୍ୱର ସବ୍‌ଜର୍ଜ ତଥା ତାଲୁକ ଲିଗାଲ ସର୍ଭିସ କମିଟିର ଅଧ୍ୟକ୍ଷ ଇନ୍ଦିରା ପ୍ରିୟଦର୍ଶନୀ ଓ ସିଭିଲ ଜଜ୍(ଜୁନିଅର) ପାର୍ଥ ପ୍ରତୀକ ଅତିଥି ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଯୋଗ ହିଁ ମାନସିକ ଓ ଶାରିରୀକ ସୁସ୍ଥତା ଦେବାରେ ସମର୍ଥ ବୋଲି କହିଥିଲେ । ଏଥିରେ କଲେଜ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପିକା ସୁଶ୍ରୀ ସୁଷମା ଚନ୍ଦ ଯୋଗ ଶିକ୍ଷା ଦେଇଥିଲେ । ଏନ୍‌ଏସ୍‌ଏସ୍ ପ୍ରଗ୍ରାମ ଅଫିସର ଦିଲ୍ଲିପ ଘୋଷ, ଅଧ୍ୟାପକ ପ୍ରିତମ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୀତା ମାହାତ୍ମ୍ୟ ପ୍ରବଚନର ସପ୍ତମ ଅଧିବେଶନ ଅନୁଷ୍ଠିତ

ଭଦ୍ରକ,୨୧/୦୬ (ନି.ପ୍ର): ଗରଦପୁରରେ ଗୀତା ମାହାତ୍ମ୍ୟ ପ୍ରବଚନର ସପ୍ତମ ଅଧିବେଶନ ଅଧିବକ୍ତା ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି । ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ବେଦପାଠ, ସ୍ନିଗ୍ଧାରାଣୀ ମହାନ୍ତିଙ୍କ ଭଜନ ପରିବେଷଣ ପରେ ଶିକ୍ଷୟତ୍ରୀ ମନୋରମା ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା "ଅମୃତ ଦର୍ଶନ"ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଶ୍ରୀମଦ୍ ଭଗବତ୍ ଗୀତା ପଠନରେ କିପରି ଚିତ ଶୁଦ୍ଧି ଓ ଶରୀର ଶୁଦ୍ଧି ହୁଏ ତାହା ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ତତ୍ ସଙ୍ଗେ ସଙ୍ଗେ ଭଗବାନ ଜଗନ୍ନାଥଙ୍କ ମହିମା କିପରି ସର୍ବଜନବିଦିତ ତାହା ପ୍ରତିପାଦନ କରିଥିଲେ । ମୁଖ୍ୟ ଅତିଥି ପୁରୁଣା ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହନ୍ତ ବର୍ତମାନର ଛାତ୍ର ସମାଜ ଗୀତାପଠନରେ ବ୍ରତୀ ହେଲେ ସମାଜକୁ ଅଧଃପତନରୁ ବଂଚାଯାଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ ଡ଼ାକ୍ତର କିରଣ ଚନ୍ଦ୍ର ଗୁଇଁ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗବେଷକ ଶିଶିର ମହାପାତ୍ର, ରାମ ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ବାରିକ, ଶିକ୍ଷକ ଅଶୋକ ସାହୁ, ରାମ ଚନ୍ଦ୍ର କର, ପ୍ରଫୁଲ୍ଲ ଦାସ, ସନ୍ତୋଷ ମହାପାତ୍ର (ଖ), ଅନିଲ ନାୟକ, କବି କୈଳାସ ଚନ୍ଦ୍ର ଦାସ, ମଧୁସୂଦନ ତ୍ରିପାଠୀ, ନିରଞ୍ଜନ ସିଂହ, ସନ୍ତୋଷ ମହାପାତ୍ର (ଗ) ପ୍ରମୁଖ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରାଇଥିଲେ ।

# ସିପିଏମ୍‌ର ୨୩ତମ ପାର୍ଟି କଂଗ୍ରେସରେ ଗୃହୀତ ପ୍ରସ୍ତାବର ସମୀକ୍ଷା

ଜଳେଶ୍ୱର ୨୧/୬ (ନି.ପ୍ର): ଆଜି ନୂଆବଜାର ଭଂଜ ଭବନ ପରିସରରେ ସିପିଆଇଏମ୍ ପକ୍ଷରୁ ଆୟୋଜିତ ସଭାରେ ଦଳର ୨୩ତମ ପାର୍ଟି କଂଗ୍ରେସରେ ଗୃହିତ ରାଜନୈତିକ ଓ ସାଂଗଠନିକ ପ୍ରସ୍ତାବ ଉପରେ ଆଲୋଚନା ହୋଇ ଯାଇଛି । କେରଳର କନୁର ଠାରେ ଏପ୍ରିଲ ୬-୧୦ଯାଏ ପାର୍ଟି କଂଗ୍ରେସ ସଂପର୍କରେ ପର୍ଯ୍ୟାଲୋଚନା କରାଯାଇଥିଲା । ୨୦୧୪ ପରଠାରୁ ଆମ ଦେଶରେ ସମ୍ପ୍ରଦାୟିକ ଓ ବିଭାଜନକାରୀ ମାନଙ୍କ ଶକ୍ତିବୃଦ୍ଧି ପାଇବାରେ ଲାଗିଛି । ଦେଶର ଆର୍ଥିକ ସଂକଟ ବେଳେ ରାଷ୍ଟ୍ରାୟତ ସମ୍ପତିକୁ ବିକ୍ରି କରାଯାଉଥିବା ବେଳେ ଯୁବ ଶକ୍ତିକୁ ହେୟ ଜ୍ଞାନ କରାଯାଇଛି । ଏଥିରେ ସିପିଆଇଏମ୍‌ର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଯୋଗ ଦେଇ ସାମ୍ପ୍ରଦାୟିକ ଶକ୍ତି ଠାରୁ ଭାରତର ଗଣତନ୍ତ୍ରକୁ ରକ୍ଷାଲାଗି ଆବାଳ ବୃଦ୍ଧବନିତା ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସଚେତନ ବ୍ୟକ୍ତି, ମହିଳା, ଯୁବକ, ଶ୍ରମିକ ମଜଦୁର, କୃଷକ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ସିପିଆଇଏମ୍ ଦେଶରେ ଏକ ନବକଳେବର ଓ ବୃହତ୍ ଶକ୍ତି ଗଢିବା ଲାଗି ଯୋଜନା କରିଥିବା ସଂପର୍କରେ କହିଥିଲେ । ଉକ୍ତ ଆଲୋଚନା ସଭାରେ ଜଳେଶ୍ୱର ଆଂଚଳିକ କମିଟି ସଂପାଦକ ଦିଲ୍ଲିପ ଗିରି ସଭାପତିତ୍ୱ କରିଥିଲେ । ଜିଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି, ଜିଲା ସଂପାଦକ ମଣ୍ଡଳୀ ସଂପାଦକ ଦିପ୍ତିମାନ ଆଚାର୍ଯ୍ୟ, ଭୋଗରାଇ ସଂପାଦକ ବିଶ୍ୱଜିତ୍ ଦାସ, ଗୌରହରୀ ମହାନ୍ତି, ରାଇବଣିଆର କାଦୁଅ ମାରାଣ୍ଡି, ରତନ ଦାସ, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ଜୀବନ ପରିଡା, ସେକ୍ ଅବଦୁଲ ସାଦ୍ଦିକ, ରବିନ୍ଦ୍ର ବାରିକ, ବସନ୍ତ ଦାସ, ଲକ୍ଷ୍ମୀଧର ପଲାଇ, ସେକ୍ ମମିଜିମୁଦ୍ଦିନ, ସେକ୍ ଜମିରୁଦ୍ଦିନ, ଧିରେନ୍ଦ୍ର ଦେ, ଇନ୍ଦୁମାଧବ ମହାନ୍ତି, ମମି ପଣ୍ଡା, ଗଣେଶ ଭୂୟାଁ, ସବିତା ସାହୁ, ଗଣେଶ ପାତ୍ର, ପ୍ରକାଶ ଦେ, ଭାଗବତ ପ୍ରଧାନ ପ୍ରମୁଖ ଆଲେଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାମ-ରାଜ୍ୟର ଅର୍ଥ ହେଲା ସମସ୍ତଙ୍କ ପାଇଁ ସମାନତା ଏବଂ ରାଜା ସେବକ : ଭୂପେନ୍ଦ୍ର ଯାଦବ

ଅଯୋଧ୍ୟା,୨୧/୦୬ (ନି.ପ୍ର): କେନ୍ଦ୍ର ଶ୍ରମ, ରୋଜଗାର, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଙ୍ଗଳବାର ଦିନ ଅଯୋଧାରେ କହିଛନ୍ତି ଯେ, ରାମନଗରୀ ଅଯୋଧ୍ୟାକୁ ସମାଜ ତଥା ବିଶ୍ୱର ପ୍ରେରଣା ସ୍ଥାନ ଭାବରେ ସମ୍ମାନିତ କରାଯାଇଛି । ଅଯୋଧ୍ୟାଙ୍କ ବାର୍ତା ହେଉଛି ରାମ ରାଜାର ଦର୍ଶନ ଯେଉଁଥିରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହିବା ଉଚିତ୍, ରାଜା ଲୋକଙ୍କର ସେବକ ଭାବରେ କାର୍ଯ୍ୟ କରିବା ଉଚିତ୍ । ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସବରେ ଭାଗ ନେବାକୁ ସେ ଅଯୋଧ୍ୟା ରାମ କି ପୌଡ଼ିରେ ପହଂଚିଥିଲେ । ଅଯୋଧ୍ୟାରେ ପହଂଚିବାକୁ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ହନୁମାଗଡ଼ିରେ ହନୁମାନ ଲାଲା ଏବଂ ଶ୍ରୀ ରାମ ଜନ୍ମଭୂମି ପରିଦର୍ଶନ କରି ରାମଲାଲା ପରିଦର୍ଶନ କରିଛନ୍ତି । କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପ୍ରତି ଲୋକଙ୍କ ମଧ୍ୟରେ ସାମୂହିକତା ତଥା ସଚେତନତା ସୃଷ୍ଟି କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଧୁନିକ ଭାରତ ଏଭଳି ଏକ ନିର୍ମାଣ ପଥରେ ଆଗକୁ ବଢୁଛି, ଯାହାର ଉଦ୍ଦେଶ୍ୟ ହେଉଛି ସାରା ଦେଶରେ ସବକା ସାଥ, ସବକା ବିକାଶ ଏବଂ ସବ୍‌କା ବିଶ୍ୱର ଧାରଣାକୁ ହୃଦୟଙ୍ଗମ କରିବା ଏବଂ ଯୋଗ ମଧ୍ୟ ସମାନ ବାର୍ତା ଦେଇଥାଏ ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳିତ

ନୀଳଗିରି,୨୧/୦୬ (ନି.ପ୍ର): ସମଗ୍ର ବିଶ୍ୱରେ ଆଜି ବିଶ୍ୱ ଯୋଗ ଦିବସ ପାଳନ କରାଯାଉଥିବା ବେଳେ ନୀଳଗିରିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଶ୍ୱ ଯୋଗ ଦିବସ ପାଳିତ ହୋଇଅଛି । ନୀଳଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛାତ୍ରଛାତ୍ରୀମାନେ ନିଜକୁ ସୁସ୍ଥ , ନିରୋଗ ରଖିବା ପାଇଁ ଯୋଗ ଦିବସ ପାଳନ କରିଛନ୍ତି । ବିଶ୍ୱ ଯୋଗଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସୁବାସିନୀ ଜୀ ଯୋଗଦେଇ ଯୋଗ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭଗବାନ ବର୍ଦ୍ଧନ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଭାମଂଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ରବିନ୍ଦ୍ର ବାରିକ ଓ କୃଷ୍ଣଚନ୍ଦ୍ର ହୋତା ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସ ପ୍ରଦଶର୍ନ କରିଥିଲେ । ଏହି ଅବସରରେ ଶିଶୁ ଭାଇ ଭଉଣୀ, ସେବକ, ସେବିକା, ବାହନ ଭାଇ, ଅଭିଭାବକ ବନ୍ଧୁ ବିଶ୍ୱ ଯୋଗ ଦିବସରେ ସାମିଲ ହୋଇଥିଲେ । ସେହିପରି ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଛାତ୍ରଛାତ୍ରୀମାନେ ଅନୁରୂପ ଭାବେ ବିଶ୍ୱ ଯୋଗଦିବସ ପାଳନ ଅବସରରେ ଯୋଗାଭ୍ୟାସ କରିଥିଲେ ।

# କ୍ଷୀରମାତ୍ରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ଲଙ୍ଗଳେଶ୍ୱର, ୨୧/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ର ମଠ ମହାପଦା ଠାରେ ମାଆ କ୍ଷୀରମାତ୍ରୀ ଦେବୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ସମାପନ ହୋଇଯାଇଛି ।ଗତ ତିନିଦିନ ଧରି ଚାଲିଥିବା ଏଇ କାର୍ଯ୍ୟକ୍ରମରେ ପ୍ରଥମ ଦିନ ଗ୍ରାମ ତଥା ଗ୍ରାମ ବାହାରୁ ଚାରି ଶହ ରୁ ଊର୍ଦ୍ଧ୍ୱ ମହିଳା ଭକ୍ତମାନେ ସଂଖୁଆ ନଦୀରୁ ପାଣି ଆଣି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ରେ ଇନ୍ଦିପଡା, ସଂଖୁଆ, ଦେଇ ଆସି ,କଳସ ଶୋଭାଯାତ୍ରାରେ, ମନ୍ଦିର ରେ ପହଞ୍ଚି ପୂଜାର୍ଚନା କରିଥିଲେ। ଦ୍ୱିତୀୟ ଦିନ ମାଆ ଙ୍କର ଷୋଡ଼ଶ ଉପଚାର ପୂଜା ସହିତ ଯଜ୍ଞ, ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ମନ୍ଦିର ପ୍ରବେଶ ଓ ମାଆଙ୍କ ସିଂହାସନ ଆହରଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହୋଇଥିଲା । ବ୍ରାହ୍ମଣ ଦିଲ୍ଲିପ ପାଣିଗ୍ରାହୀ, ପାର୍ଥ ସାରଥୀ ପାଣିଗ୍ରାହୀ, ସମର ବଲ୍ଲଭ ତ୍ରିପାଠୀ, ଆମର ଜ୍ୟୋତି ତ୍ରିପାଠୀ, ପୂଜା ଓ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। କମିଟି ମୁଖ୍ୟ ଦୀନବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଉତ୍ସବ ସମାପନ ହୋଇଥିଲା ।ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ



ଲଙ୍ଗଳେଶ୍ୱର, ୨୧/୦୬ (ନି.ପ୍ର): ସକାଳ ୮ ଘଟିକା ସମୟରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇ ଥିଲା । ଅପରାହ୍ନ ୩ଘଟିକା ସମୟରେ, ଗୁଡିଖାଳ ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତିତ୍ୱରେ, ଯୋଗର ଆବଶ୍ୟକତା, ଯୋଗର ଉପକାରିତା, ସାମାଜିକ ଜୀବନରେ ଯୋଗର ମହତ୍ୱ ବିଷୟରେ ଆଲୋକପାତ କରାଯାଇଥିଲା । ପ୍ରାକ୍ତିକାଳି କେଉଁ ଆସନ କେଉଁ ରୋଗ ପାଇଁ ପ୍ରଜୁଜ୍ୟ ତାହା ସମସ୍ତଙ୍କୁ ବୁଝାଇ ଦିଆଯାଇଥିଲା । ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ଯୋଗୀ ଅନନ୍ତ ପ୍ରଧାନ ମୁଖ୍ୟ ବକ୍ତା ହିସାବରେ ଯୋଗ ଦାନ କରିଥିଲେ । ମୁଖ୍ୟ ଅତିଥି ହିସାବରେ, ସମୟର ଚକ୍ର ର ସମ୍ପାଦକ ଶ୍ରୀଯୁକ୍ତ ସର୍ବେଶ୍ୱର ଜେନା ଯୋଗଦାନ କରିଥିଲେ । ସମ୍ମାନୀତ ବକ୍ତା ହିସାବରେ, ଯୋଗୀ ମୋହିମ ମୁନି, ଯୋଗୀ ରାମଚନ୍ଦ୍ର ବେହେରା, ମୁନି ରାଜ ଅମୂଲ୍ୟ ମୁନି, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ, ଇତ୍ୟାଦି ବକ୍ତବ୍ୟ ରଖିଥିଲେ । ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ଗାନ କରିଥିଲେ । ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡ଼ିଶା ପ୍ରାନ୍ତର ପୂର୍ବତନ ଅଧକ୍ଷ ଯୋଗାଚାର୍ଯ୍ୟ କାଳୀଚରଣ ମୁନି ଆଜି ଦିବା୧୨-୨୦ ମିନିଟ ସମୟରେ ଆତ୍ମଲୋକ ଗମନ କରିଥିବାରୁ, ତାଙ୍କ ଆତ୍ମାର ବିଶ୍ରାନ୍ତି କାମନା କରାଯାଇଥିଲା । ମୁନି ହରିହର ଲେଙ୍କା-ମୁନିରାଣ୍ଣୀ ବିମଳାଲେଙ୍କା ଙ୍କର ନାତି ର ଶୁଭ ଜନ୍ମଦିନ ପାଳନ କରା ଯାଇଥିଲା । ସମସ୍ତେ ଏକ ମନ, ଏକ ପ୍ରାଣ, ଏକ ଭାବନାରେ ତଲ୍ଲିନ ହୋଇ ନାତିକୁ ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ । ଉପସ୍ଥିତ ଥିଲେ, ମୁନି ରାଜ ଅନାଦି ବାରିକ, ଗୌରହରି ବାରିକ, ବାସନ୍ତୀ ମହାଳିକ, ପୂର୍ଣ୍ଣିମା ବର, ମିନତୀ ଦଳାଇ, ଉଦୟହରି ମୁନି ଇତ୍ୟାଦି ବହୁ ମୁନି ମୁନି ମତୀ ମାନେ । ଶେଷରେ ଯୋଗୀ ଭିକାରୀ ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଡେଲଟା ଛକରେ ଗାଡି ଜାଳିଦେବା ଘଟଣାରେ ଦୁର୍ବୃତ୍ତଙ୍କ ଦୋକାନ ଉପରେ ଚଢ଼ିଲା ବୁଲଡୋଜର

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଗତକାଲି ରାତିରେ ଡେଲଟା ଛକରେ ଗୁଣ୍ଡାରାଜ ଚଳାଇଥିବା ଦୁର୍ବୃତଙ୍କ ଦୋକାନ ଉପରେ ଚଢ଼ିଛି ବୁଲଡୋଜର। ଭାଇଗିରି ଜାହିର କରିବାକୁ କେନ୍ଦ୍ରକରି ଡେଲଟା ଛକରେ ଜଣେ ବ୍ୟକ୍ତିଙ୍କ ସ୍କର୍ପିଓ ଗାଡ଼ିରେ ଅଭିଯୁକ୍ତମାନେ ନିଆଁ ଲଗାଇ ଦେଇଥିଲେ। ଏହି ମାମଲାରେ ୪ ଜଣଙ୍କୁ ଅଟକ ରଖି ଖଣ୍ଡଗିରି ପୋଲିସ ପଚରାଉଚରା କରୁଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ସୂଚନାଯୋଗ୍ୟ, ସୋମବାର ସଂଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ଏକ ସ୍କର୍ପିଓ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଫେରୁଥିଲା। ଡେଲଟା ଛକ ନିକଟରେ ଏକ ସ୍କୁଟିକୁ ସ୍କର୍ପିଓଟି ପଛରୁ ଧକ୍କା ଦେବାରୁ ସେଥିରେ ଥିବା ଜଣେ ଯୁବକ ତଳେ ପଡ଼ି ଯାଇଥିଲେ। ଏହାକୁ ନେଇ କାର୍ ଚାଳକ କାଲୁଙ୍କ ସହ ଉକ୍ତ ଯୁବକଙ୍କ ବଚସା ହୋଇଥିଲା। ଏଥିରେ ରାଗିଯାଇ ଯୁବକଜଣଙ୍କ ପାଖ ବସ୍ତିରେ ଖଟି କରୁଥିବା ଅଭିଯୁକ୍ତ ବାପି ସମେତ କେବିଏନ୍ ଗ୍ୟାଙ୍ଗର କିଛି ସଦସ୍ୟଙ୍କୁ ଡାକି ଆଣିଥିଲା। କିଛି ସମୟ ମଧ୍ୟରେ ୩ଟି ବାଇକ୍ ରେ କିଛି ଯୁବକ ସେଠାରେ ପହଞ୍ଚି ଯାଇଥିଲେ। ଏହା ଦେଖି କାର୍ ଚାଳକଜଣଙ୍କ ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ। ତେବେ ଦୁର୍ବୃତମାନେ କାର୍ ଚାଳକଙ୍କୁ ଖୋଜି ନ ପାଇବାରୁ ସେଠାରେ ଥୁଆ ହୋଇଥିବା ସ୍କର୍ପିଓ ଉପରେ ତେଲ ଢାଳି ନିଆଁ ଲଗାଇ ଦେଇଥିଲେ।

# ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମନ୍ୱିତ ପ୍ରଚେଷ୍ଟା ଦ୍ୱାରା ବିକାଶ ସମ୍ଭବ : ମନ୍ତ୍ରୀ

ଜଳେଶ୍ୱର, ୨୧/୦୬ (ନି.ପ୍ର): କୌଣସି ଆଂଚଳିକ ବିକାଶରେ ସେ ଅଂଚଳର ଜନସାଧାରଣ, ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ବିନା ବିକାଶ ଅସମ୍ଭବ । ତେଣୁ ଜଳେଶ୍ୱରର ବିକାଶ ଲାଗି ସମସ୍ତଙ୍କର ପ୍ରଚେଷ୍ଟା ଓ ସମନ୍ୱୟ ରକ୍ଷା କରି ଅଗ୍ରସର ହେବାକୁ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆହୁତ ସଭାରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସମସ୍ତଙ୍କର ସହଯୋଗ ଲୋଡିଛନ୍ତି । ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଜନକାଲ୍ୟାଲକାରୀ ଯୋଜନା ଗୁଡିକର ସଂଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ତହସିଲଦାର ଓ ବିଡିଓ ସ୍ମୃତିରଂଜନ ମଲ୍ଲିକ, ଏସ୍‌ଡିପିଓ ଅଂକିତା କୁମ୍ଭାର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ହାତୀଗଡ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଡା. ପ୍ରଭାସଚନ୍ଦ ନାୟକ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେଇ ଆଗାମୀ ଦିନର କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ । ଏଥିରେ ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଆରଡବ୍ଲୁଏସ୍‌ଏସ୍, ଜଳସମ୍ପଦ, ଜଳନିଷ୍କାସନ, ଗୋଷ୍ଠି ଶିକ୍ଷାଧିକାରୀ, ସିଡିପିଓ, ଓଏଲଏମ୍, ଯୋଗାଣ ନିରିକ୍ଷକ ସାଗରିକା ରାଉତରାୟ, ଉଦ୍ୟାନ ବିଭାଗ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ବ୍ଲକ ଉପଧ୍ୟକ୍ଷା ପୁଷ୍ପଲତା କାମିଳା, ଅବକାରୀ ଇନିସ୍‌ପେକ୍ଟର, ଅବକାରୀ ନିରିକ୍ଷକ ଓ କୃଷି ବିଭାଗ ପକ୍ଷରୁ ସଂଜୟ ରାଉତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କଟକ ନରସିଂହପୁର ହାତୀ ଗୁଳିକାଣ୍ଡ ....

ଘଟଣାରେ କେଉଁମାନେ ସମ୍ପୃକ୍ତ ଥିଲେ ସେନେଇ ବନବିଭାଗ ଛାନଭିନ କରିଥିଲା । ହାତୀ ଗୁଳିକାଣ୍ଡ ସମ୍ପୃକ୍ତି ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି । ବନ ବିଭାଗ ଅଭିଯୁକ୍ତ ମାନଙ୍କୁ ରାତି ଅଧିଆ ଉଠାଇ ନେଇଥିବା ବେଳେ ସେମାନଙ୍କୁ ୪ଦିନ ରଖିବା ପରେ ଗତକାଲି ସଂଧ୍ୟାରେ ନରସିଂହପୁର କୋର୍ଟରେ ହାଜର କରିଥିଲା । କିନ୍ତୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜମିନ ନାମଞ୍ଜୁର କରିବାରୁ ତାଙ୍କୁ ନରସିଂହପୁର ସବଜେଲକୁ ପଠାଯଇଛି । ଅଭିଯୁକ୍ତ ମାନେ ହେଲେ ନରସିଂପୁର ରାମଚନ୍ଦ୍ରପୁର ଗାଁର ସୂର୍ଯ୍ୟମଣି ନାୟକ, ନୂଆଭୂଇଁ ଗାଁର ଗଙ୍ଗାଧର ନାୟକ, ଅନନ୍ତପ୍ରସାଦ ଗାଁର ଦିବାକର ସାହୁ । ଏମାନଙ୍କ ନାଁରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏବେ ବି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଅଛି । ଖୁବ୍ ଶିଘ୍ର ମୁଖ୍ୟ ଅଭିଯୁକ୍ତ ଓ ହାତୀ ଶିକାର ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ।

## କୌଣସି ପରିସ୍ଥିତିରେ ପ୍ରତ୍ୟାହାର ....

ହୋଇଥିବ, ଆଉ ସେତେବେଳେ ଭାରତର ଇକୋନମୀ ୫ ଟ୍ରିଲିୟନ୍ ଡଲାରରେ ପହଂଚିଥିବ । ଅଗ୍ନିପଥ ଯୋଜନାକୁ ନେଇ ଲାଗି ରହିଥିବା ବିରୋଧ ପ୍ରଦର୍ଶନ ସମ୍ବନ୍ଧରେ ସେ କହିଛନ୍ତି, ପରିବର୍ତନ ଆସିଲେ, ଭୟ ରହିବା ସ୍ୱାଭାବିକ । ଯୋଜନା ଘୋଷଣା ହେବା ପରେ ଯୁବଗୋଷ୍ଠୀ ଧିରେ ଧୀରେ ଭଲଭାବେ ବୁଝିସାରିଛନ୍ତି ଯେ ଏହା ସେମାନଙ୍କ ପାଇଁ ଫାଇଦାଯୋଗ୍ୟ ହେବ । ଯୁବକଙ୍କ ମନରେ ଯେଉଁ ଭୟ ରହିଛି, ତାକୁ ନିଶ୍ଚିତ ଦୂର କରାଯିବ ବୋଲି ଡୋଭାଲ କହିଛନ୍ତି ।

## ବାରାମୂଳା ଏବଂ ପୁଲଓ୍ୱାମାରେ....

ଟିମ ପୁରା ଅଂଚଳର ଘେରାବନ୍ଦୀ କରି ତଲାସୀ ଅଭିଯାନ ଚଳାଇଛି। ଏହି ସମୟରେ କ୍ଷେତ୍ରରେ ଲୁଚିଥିବା ଆତଙ୍କବାଦୀମାନେ ସୁରକ୍ଷାବଳଙ୍କୁ ପାଖକୁ ଆସୁଥିବା ଦେଖି ଗୁଳିଚାଳନା କରିଥିଲେ ଯାହା ପରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଗୁଳିଚାଳନା ସମୟରେ ସୁରକ୍ଷାବଳ ଆତଙ୍କବାଦୀଙ୍କୁ ସମର୍ପଣ କରିବାର କେତେକ ମୌକା ଦେଇଥିଲେ କିନ୍ତୁ ଆତଙ୍କବାଦୀମାନେ ଏହାର ଜବାବରେ ଗୁଳିଚାଳନା ତୀବ୍ର କରିଥିଲେ। ଏହାପରେ ସୁରକ୍ଷାକର୍ମୀଙ୍କ ଓଲଟା କାର୍ଯ୍ୟାନୁଷ୍ଠାନରେ ଦୁଇ ଆତଙ୍କବାଦୀ ମୃତ ହୋଇଥିଲେ।

## ରୋମ୍‌ରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଂଜଳି ....

କହିଥିଲେ ଯେ ଶାନ୍ତି ବ୍ୟତିରେକେ କୌଣସି ଅଗ୍ରଗତି ସମ୍ଭବ ନୁହେଁ। ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ରୋମ୍ ରେ ପହଂଚିଥିଲେ। ସେଠାରେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ପୋପ ଫ୍ରାନ୍ସିସଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ୟୁରୋପରେ ୫ ଦିନିଆ ରହଣୀ କାଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ । ଖାଦ୍ୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ହାସଲ କରିଥିବା ସଫଳତା ବାବଦରେ ମୁଖ୍ୟମନ୍ତ୍ରୀ ଜାତିସଂଘର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉଦବୋଧନ ଦେବେ । ସେଠାରୁ ମୁଖ୍ୟମନ୍ତ୍ରୀ ଦୁବାଇ ଯିବେ। ଜୁନ୍ ୨୯ରେ ଦୁବାଇରେ ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବେ। ୨୯ ତାରିଖ ମଧ୍ୟାହ୍ନ ୧୨ଟାରେ ଏକ ତାରକା ହୋଟେଲରେ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ମଧ୍ୟପ୍ରାଚ୍ୟ ଦେଶସମୂହ ଶିଳ୍ପପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶିଳ୍ପପତିଙ୍କୁ ଭେଟି ଓଡ଼ିଶାରେ ନିବେଶ ପାଇଁ ପ୍ରବର୍ତାଇବେ ମୁଖ୍ୟମନ୍ତ୍ରୀ ।

## ସଙ୍କଟରେ ମହାରାଷ୍ଟ୍ର....

ବସିଥିବା ଜଣାପଡିଛି । ନଜର ପକାନ୍ତୁ ମହାରାଷ୍ଟ୍ରରେ ସରକାର ଗଢିବାକୁ କଣ ରହିଛି ସଂଖ୍ୟାର ଖେଳ । ଅନ୍ୟପଟେ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ବିଦ୍ରୋହୀ ଏକନାଥଙ୍କ ସହିତ ହୋଟେଲରେ ୨୫ରୁ ୩୦ ବିଧାୟକ ରହିଥିବା ସୂଚନା ରହିଛି । କଂଗ୍ରେସର ୧୦ ବିଧାୟକଙ୍କ ସହ ମଧ ଯୋଗାଯୋଗ ହୋଇପାରୁନଥିବା ଜଣାପଡିଛି । ଏପରି ସ୍ଥିତିରେ ବିଦ୍ରୋହୀଙ୍କ ଉପରେ ନଜର ରଖିଛି ବିଜେପି । ହେଲେ ଏପରି ପ୍ରସଙ୍ଗରେ କିଛି ଖୋଲାଖୋଲି ମତ ରଖିନି ବିଜେପି । ମହାରାଷ୍ଟ୍ର ବିଜେପି ସଭାପତି ଅତି ଚତୁରତାର ସହିତ ଅପରେସନ ଲୋଟସ ଅଭିଯୋଗକୁ ଖାରଜ କରିଛନ୍ତି । ସେପଟେ କଂଗ୍ରେସ ମଧ ପର୍ଯ୍ୟବେକ୍ଷକ ଭାବେ କମଲନାଥଙ୍କୁ ଦାୟିତ୍ୱ ଦେଇଛି । ପୂର୍ବରୁ ମଧ୍ୟପ୍ରଦେଶ, କର୍ଣ୍ଣାଟକରେ ମଧ ବିଜେପି ପାଖରେ ସଂଖ୍ୟା ଗରିଷ୍ଠତା ଥିଲା । କିନ୍ତୁ ଏଠାରେ ବିରୋଧୀ ଏକ ହୋଇ ସରକାର ଗଢିଥିଲେ । ପରେ କିନ୍ତୁ ଅପରେସନ ଲୋଟସ ଜରିଆରେ ମଧ୍ୟପ୍ରଦେଶ, କର୍ଣ୍ଣାଟକରେ ସରକାର ପଲଟିଥିଲା । ଆଉ ଏବେ ମହାରାଷ୍ଟ୍ରରେ ମଧ ସମାନ ଅବସ୍ଥା ରହିଛି । ତେଣୁ ଏଠାରେ ମଧ ସରକାର ବଦଳିପାରେ ବୋଲି ଚର୍ଚ୍ଚା ହେଉଛି ।

# 'ହେଲଦି ଲାଇଫ'ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ




ବାଲେଶ୍ୱର,୨୧/୦୬ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଯୋଗ ମହାବିଦ୍ୟାଳୟ 'ହେଲଦି ଲାଇଫ'ପକ୍ଷରୁ ବିଶ୍ୱ ଯୋଗ ଦିବସ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। 'ରେବତୀ' ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଏହାକୁ ଉଦ୍‌ଘାଟନ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିରୋଗ ଶରୀର ଗଠନ, ସଂଯମତା ତଥା ମାନସିକ ଭାରସାମ୍ୟ ରକ୍ଷାରେ ଯୋଗର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଶ୍ମିକାନ୍ତ ଜଟାନିଆ, ଶ୍ରୀଜଗନ୍ନାଥ ଗ୍ରୁପ ଅଫ କଲେଜର ଚେୟାରମ୍ୟାନ ଗଙ୍ଗାଧର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶରୀର ପାଇଁ ଯୋଗ-ପ୍ରାଣାୟମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ଅନୁଷ୍ଠାନର କାର୍ଯ୍ୟଧାରା, ଯୋଗ ତଥା ପ୍ରାକୃତିକ ଚିକିତ୍ସା ଶିକ୍ଷା ପ୍ରଦାନର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ମାନସ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ହେଲଦି ଲାଇଫ୍ ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ପରିଚାଳନା କରିଥିଲେ।

# ସୂର୍ଯ୍ୟମଣି ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର



ଲଙ୍ଗଳେଶ୍ୱର, ୨୧/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୂର୍ଯ୍ୟମଣି ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି ।ଚକ୍ଷୁ ଡାକ୍ତର ଜୟଦେବ ସାମନ୍ତ ରୋଗୀ ମାନଙ୍କ ଆଖି ପରୀକ୍ଷା ଏବଂ ଚିକିତ୍ସା କରିଥିଲେ। ଶିବିରକୁ ସ୍ଥାନୀୟ ସରପଞ୍ଚ ସୁବାଷ ବେହେରା ଉଦଘାଟନ କରିବା ସହିତ ମୁଖ୍ୟ ଅତିଥି ଭାବେ ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଯୋଗ ଦେଇଥିଲେ। ୯୧ ଜଣ ରୋଗୀ ଶିବିରରେ ଚିକତ୍ସା ହେବା ସହ ୨୫ ଜଣ ରୋଗୀ ମାଗଣାରେ ମୋତିଆ ବିନ୍ଦୁ ଅପରେସନ ପାଇଁ ମନୋନୀତ ହୋଇଥିଲେ । ସନ୍ତୋଷ କୁମାର ପରିଡା, ଆମର ପରିଡା, ସୁଜିତ ଦାସ, ପ୍ରଦୀପ ସେଠି, ପପୁ ମହାନ୍ତି, ସଞ୍ଜୟ ଜେନା, ଚିନ୍ମୟ ଚକ୍ରବର୍ତ୍ତୀ, ରାଜେନ୍ଦ୍ର ସାମନ୍ତରାୟ, ଗୌତମ ବାରିକ, ଉମେଶ ନାୟକ, ପ୍ରମୁଖ ଶିବିର ପରିଚାଳନା କରିଥିଲେ ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.**

ee_rwbdk2@yahoo.co.in

**"e" Procurement Notice for Road Works**

**2nd Corrigendum to Identification Online Tender 01/RWD-II / 2022-23, Dt.18.05.2022**

Due to some unavoidable circumstance the availability of Tender on-line for bidding from 22.06.2022 at 3.00 PM to 29.06.2022 up to 4.00PM is hereby canceled & following changes has been made.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid (Single cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer,R.W Division-II, Bhadrak | 01 | 27.06.2022 at 3.00 P.M. | 04.07.2022 up to 4.00 P.M | 03.07.2022 up to 3.00 P.M | 05.07.2022 at 11.00 A.M |

1. Other conditions are remain same.

Superintending Engineer
R.W. Division-II, Bhadrak

OIPR : 25090/11/0003/2223

ଧ୍ୱନି ପ୍ରତିଧ୍ୱନି



# ୫ଟି ରୂପାନ୍ତରିତ କାର୍ଯ୍ୟକ୍ରମ ବିରୋଧରେ ବର୍ଷିଲା କଂଗ୍ରେସ

ଜଳେଶ୍ୱର ,୨୧/୬(ନି.ପ୍ର): ସମଗ୍ର ରାଜ୍ୟରେ ୫ଟିର ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ ଚାଲିଥିବା ବେଳେଜଳେଶ୍ୱରରେ ହୋଇଥିବା ୨୦ଟି ବିଦ୍ୟାଳୟର ଏପରି କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନିତୀ ହୋଇଥିବା ଆଜି କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟକ୍ରମ ପୂର୍ବତନ ଛାତ୍ରସଂଘ କିମ୍ବା ପ୍ରଧାନ ଶିକ୍ଷକ କରିବାକୁ ଥିବା ବେଳେ ସରକାରୀ ନିତୀ ନିୟମ ଉଲଙ୍ଘନ କରି ବ୍ଲକ ଜେଇ ମାନେ ନିଜ ନାମରେ ୱର୍କ ଅର୍ଡର ନେଇ ଠିକାଦାର ମାଧ୍ୟମରେ କାର୍ଯ୍ୟ କରି ମାଲେମାଲ ହୋଇଛନ୍ତି ବୋଲି ଜଳେଶ୍ୱର କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ପ୍ରକାଶ କରିଛନ୍ତି । ସରକାରୀଭାବେ ପ୍ରତିବିଦ୍ୟାଳୟକୁ ୪୫ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଏସବୁ ଟଙ୍କାରେ ନିମ୍ନମାନର ଆସବାପତ୍ର ଓ ଗୃହ ଉପକରଣ ଓ ନିର୍ମାଣ ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଜଳେଶ୍ୱରର ବିଭିନ୍ନ କାର୍ଯ୍ୟାଳୟରେ ଦୁର୍ନିତୀ ଚାଲିଥିବା କହିଥିବା ବେଳେ ଆସନ୍ତା ଦିନରେ କଂଗ୍ରେସ ଏହା ବିରୋଧରେ ଲୋକପାଳ ଓ ଭିଜିଲାନ୍ସଙ୍କ ଦ୍ୱାରସ୍ଥ ହେବେ ବୋଲି ଶ୍ରୀ ଦାସ କହିଛନ୍ତି । ଆଶ୍ଚର୍ଯ୍ୟର କଥା ୱାର୍କଅର୍ଡର ଓ ବିଲ ପାସ୍ ହେବା ଟଙ୍କାରେ ସାମଞ୍ଜସ୍ୟ ରହୁନଥିବା ସେମାନେ କହିଛନ୍ତି । ବରଂ ସରକାର ଜଳେଶ୍ୱରର ନିର୍ମାଣ ହୋଇଥିବା ୨୦ଟି ୫ଟି ବିଦ୍ୟାଳୟକୁ ମଡେଲଭାବେ ଗ୍ରହଣ କରି ଅସତ୍ ଉପାୟରେ ନିର୍ମାଣ ହୋଇଥିବା ବିଦ୍ୟାଳୟ ଗୁଡିକୁ ତଦନ୍ତ କରିବାକୁ ଦାବି କରିଥିଲେ । ଆସନ୍ତା ଜୁଲାଇ ୪ ତାରିଖରେ ଦଳ ପକ୍ଷରୁ ବ୍ଲକ ଘେରାଓ ଓ ଘଣ୍ଟନାଦ କରିବ ବୋଲି ଶ୍ରୀ ଦାସ, ରାଜୀବ ପରିଡା, ଗିରିଜା ଶଂକର ଦାସ, ରିଆଜ ଖା, ହେମନ୍ତ ଗିରି, ସତ୍ୟବ୍ରତ ଦାସ, ସୁଦାମ ପାତ୍ର, ତ୍ରିଲୋଚନ ଦାସ ଅଧିକାରୀ ପ୍ରମୁଖ ବକ୍ତବ୍ୟରେ କହିଥିଲେ । ଦୁର୍ନିତୀ ବିରୋଧି ଅଭିଯାନରେ ଗୋପାଳ ଜେନା ଆବାହକ ଥିବା ବେଳେ ଖଗେନ୍ଦ୍ର ସାମଲଙ୍କୁ ଅଧ୍ୟକ୍ଷ, ସୌରୀ କୁମାର ଜେନା ଓ ଗୌରିଶଂକ ଜେନାଙ୍କୁ ଏକ କମିଟି ଗଂନ ହୋଇଥିବା କୁହାଯାଇଛି । ଏହି କାମିଟି ବିଭିନ୍ନ କାର୍ଯ୍ୟାଳୟରେ ହେଉଥିବା ଦୁର୍ନିତର ପର୍ଦାଫାସ କରିବେ ବୋଲି ସୂଚନା ଦେଇଛନ୍ତି ।

# କୋଟିଆ ଘଟଣାରେ ନୂଆ ରାଜସ୍ୱ ମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରନ୍ତୁ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ପି. ରାଜାନ୍ନା ଦୋରା ଆଜି କୋଟିଆ ଗ୍ରାମ ପଂଚାୟତର ନେରେଡି ଭାଲ୍‌ସା ଓ ଟାଡି ଭାଲ୍‌ସା ଗ୍ରାମଦ୍ୱୟକୁ ଗ୍ରସ୍ତକରି କୋଟିଆବାସୀଙ୍କୁ ଆନ୍ଧ୍ର ସପକ୍ଷରେ ନେବାପାଇଁ ଉଦ୍ୟମ କରିଛନ୍ତି । ନିଜର ଥାଟବାଟ ଧରି ଉପମୁଖ୍ୟମନ୍ତ୍ରୀ ଏହି ଗାଁ ଦୁଇଟିକୁ ପରିଦର୍ଶନ କରି ଆନ୍ଧ୍ର ସରକାରଙ୍କର ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ପାଇଁ ଥିବା ନବରତ୍ନ ଯୋଜନା ସମ୍ପର୍କରେ ଏହି ଗ୍ରାମବାସୀମାନଙ୍କୁ ବୁଝାଇଥିଲେ । ସୁପ୍ରିମକୋର୍ଟଙ୍କ ଉପଦେଶ ଅନୁଯାୟୀ ଉଭୟ ଆନ୍ଧ୍ର ଓ ଓଡ଼ିଶା କୋଟିଆ ଗ୍ରାମ ପୁଞ୍ଜ ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ କୋର୍ଟଙ୍କ କହିବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ବାରମ୍ବାର କୋଟିଆରେ ଅନୁପ୍ରବେଶ କରାଯାଉଛି । କେତେବେଳେ ଅଙ୍ଗନୱାଡ଼ି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ତ କେତେବେଳେ ନବରତ୍ନ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ, ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ସୀମାନ୍ତବର୍ତୀ ଓଡ଼ିଆ ଗ୍ରାମମାନଙ୍କରେ ଉପଦ୍ରବ ସୃଷ୍ଟି କରି ନିଜ ସପକ୍ଷକୁ ନେବାପାଇଁ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କ ଅଧକ୍ଷତାରେ ସୀମାନ୍ତ ଅଂଚଳର ସମସ୍ୟା ସମାଧାନ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲେ ହେଁ, ଆନ୍ଧ୍ର ସରକାର ଏବଂ ଏହାର ଅଧିକାରୀମାନେ ତାହାକୁ ମାନୁନାହାନ୍ତି । ଆନ୍ଧ୍ରର ଏହି ବେଆଇନ୍ ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ସରକାର କୋଟିଆ ଗ୍ରାମପୁଞ୍ଜରେ ପାଖାପାଖି ଦେଢ ଶହ କୋଟି ଟଙ୍କା ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି । ନିକଟ ଅତୀତରେ ସେଠାରେ ଏକ ଥାନା ମଧ ପ୍ରତିଷ୍ଠା କରାଯାଇଛି । କିନ୍ତୁ ଦୁଃଖର କଥା ଏତେସବୁ କାର୍ଯ୍ୟକ୍ରମ ସତ୍ୱେ ଆଜି ଯେତେବେଳେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ନିଜର ଥାଟବାଟ ସହିତ କୋଟିଆ ଭିତରକୁ ପ୍ରବେଶ କଲେ, ତାଙ୍କୁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କିମ୍ବା ପଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ବାଧା ଦିଆଗଲା ନାହିଁ । ସେଠାରେ ସ୍ଥାପିତ ହୋଇଥିବା ଥାନାବାବୁ ମଧ ଘଟଣାରେ ନିରବଦ୍ରଷ୍ଟ ରହିଲେ । ତେଣୁ ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ନିଜର କାର୍ଯ୍ୟକ୍ରମ ସାରି ଅନାୟସରେ ଘଟଣା ସ୍ଥଳରୁ ଯାଇପାରିଲେ । ଏହା ନିଶ୍ଚିତ ଭାବରେ ଓଡ଼ିଶା ପ୍ରଶାସନ ପାଇଁ ଏକ ଆହ୍ୱାନ ସୃଷ୍ଟି କରିବା ସଙ୍ଗେସଙ୍ଗେ ଓଡ଼ିଶାବାସୀଙ୍କ ସ୍ୱାଭିମାନ ପ୍ରତି ଏକ ଶକ୍ତ ଆଘାତ । ତେଣୁ ସେ ଅଂଚଳର ଲୋକଙ୍କର ଆତ୍ମବିଶ୍ୱାସକୁ ସୁଦୃଢ କରିବା ପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ଘଟଣାସ୍ଥଳକୁ ପରିଦର୍ଶନ କରିବାକୁ ଯିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ମାନ୍ୟବର ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଏକ ଚିଠି ଲେଖି ଘଟଣାରେ ଅବିଳମ୍ବେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏହି ଚିଠିରେ ସେ ଦର୍ଶାଇଛନ୍ତି ଯେ, କୋଟିଆ ଓଡ଼ିଶାର ଥିଲା, ଓଡ଼ିଶାରେ ହିଁ ହୋଇ ରହିବ । ତେଣୁ ମନ୍ତ୍ରୀ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି କୋରାପୁଟ ଜିଲ୍ଲା ପ୍ରଶାସନକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

## ଗୋଟିଏ ଦିନରେ ୫୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୯୫୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୪୭୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୯୨ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୩ ଜଣ ସଂଗରୋଧରୁ ଓ ୨୦ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧, କଟକ ଜିଲ୍ଲାରୁ ୪. ଜଗତସିଂହପୁର ଜିଲ୍ଲାରୁ ୨, ଝାରସୁଗୁଡା ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୩, ସମ୍ବଲପୁର ଜିଲ୍ଲାରୁ ୨, ସୁନ୍ଦରଗଡ ଜିଲ୍ଲାରୁ ୧ ଓ ଷ୍ଟେଟ ପୁଲରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୨ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତିକ ଯୋଗ ମହୋତ୍ସବ




ବାଲେଶ୍ୱର,୨୧/୦୬ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି କ୍ରମେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ମଙ୍ଗଳବାର ଯୋଗ ମହୋତ୍ସବ ସ୍ଥାନୀୟ ଆଇଟିଆଇ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯୋଗକୁ ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର କରିବାରେ ଭାରତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ତେବେ କେବଳ ଗୋଟିଏ ଦିନ ପରିବର୍ତ୍ତେ ଦୈନିକ ଯୋଗ-ପ୍ରାଣାୟମ ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ-ପ୍ରାଣାୟମକୁ ଆପଣେଇ ପାରିଲେ ଅନ୍ତକୋଣ ସୁଦ୍ଧତା ଆସ ପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ ଯୋଗ ଶିବିରରେ ପତାଞ୍ଜଳି ଯୋଗ ସମିତିର ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ କରୁଣାକର ଶିଅଳ ଏଥିରେ ପୌରହିତ୍ୱ କରିଥିଲେ । ଡାକ୍ତର କୁମାର ଗୋପାଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯଶୋମତି ଶିଅଳ, ଅକ୍ଷୟ କୁମାର ସାହୁ, ମନୋଜ କୁମାର ଦେ, ଗୋବର୍ଦ୍ଧନ ସାହୁ, ଦିବ୍ୟ ରଞ୍ଜନ ମହାନ୍ତି, ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ, ଜାମିନୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକାକୁ ବିଶ୍ୱବାସୀ ଗ୍ରହଣ କରିଛନ୍ତି : ସମୀର ମହାନ୍ତି

ଭୁବନେଶ୍ୱର, ୨୧/୦୬ (ନି.ପ୍ର): ମହାମାରୀ କରୋନା ସଂକଟ ସମୟରେ 'ଯୋଗ'ର ଉପଲବ୍ଧତାକୁ ସମଗ୍ର ବିଶ୍ୱବାସୀ ଭଲ ଭାବେ ବୁଝିଛନ୍ତି । ଏହି କାରଣରୁ ମମିଳିତ ଜାତିସଂଘ ଚଳିତ ବର୍ଷର ଆନ୍ତର୍ଜାତିକ ଯୋଗ ଦିବସକୁ 'ମାନବତା ପାଇଁ ଯୋଗ' ଦିବସର ଆଖ୍ୟା ପ୍ରଦାନ କରିଛନ୍ତି । ଗୋଟିଏ ପଟେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶ ଆଜି "ଆଜାଦି କା ଅମୃତ ମହୋତ୍ସବ" ପାଳନ କରୁଥିବାବେଳେ ଏହି ଅବସରରେ ଦେଶର ୭୫ଟି ଐତିହ୍ୟପୂର୍ଣ୍ଣ ସ୍ଥଳୀରେ '୮ମ ଆନ୍ତର୍ଜାତିକ ଯୋଗ ଦିବସ' ପାଳନ ହେଉଛି । ଏହା ଆମ ସମସ୍ତଙ୍କୁ ନିଶ୍ଚିତ ଭାବେ ଗର୍ବିତ କରିବା ସହିତ ଆମ ଇତିହାସ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ମଧ ସହାୟକ ହୋଇଛି । ଆମ ରାଜ୍ୟର ୩ଟି ଐତିହ୍ୟପୂର୍ଣ୍ଣ ସ୍ଥାନକୁ ଏହି ତାଲିକାରେ ସାମିଲ କରିଥିବାରୁ ମୋଦି ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦଳୀୟ କାର୍ଯ୍ୟକର୍ତା ଏବଂ ସାଧାରଣ ଜନତାଙ୍କ ଗହଣରେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଯୋଗ ଦ୍ୱାରା ଭାରତ ସାରା ବିଶ୍ୱରେ ଗର୍ବ ଅନୁଭବ କରୁଛି । ମୋଦି ସଦାସର୍ବଦା ବିଶ୍ୱକୁ ସୁସ୍ଥତା ଓ ଶୁଦ୍ଧତାର ମାର୍ଗଦର୍ଶନ ଦେଇ ଆସିଛନ୍ତି । ଯୋଗ ମାଧ୍ୟମରେ ଶରୀର, ମନ ଓ ମସ୍ତିଷ୍କକୁ ସକାରାତ୍ମକ ମାର୍ଗରେ ନିୟନ୍ତ୍ରଣ କରାଯାଇପାରେ । ଯୋଗ ଶିକ୍ଷାକୁ ଆହୁରି ଅଧିକ ପ୍ରଭାବଶାଳୀ କରିବା ପାଇଁ ମୋଦି ସରକାର ନିରନ୍ତର ଭାବେ ପ୍ରୋତ୍ସାହିତ କରିଆସୁଛନ୍ତି । ଆଜି ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ଯୋଗ ଦିବସ ପାଳନ କରାଯାଉଛି । ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକାକୁ ବିଶ୍ୱବାସୀ ଗ୍ରହଣ କରି ନେଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆଜି ରାଜ୍ୟର ସମସ୍ତ ପୌରାଂଚଳ ଓ ପଂଚାୟତର ବିଭିନ୍ନ ସ୍ଥାନରେ ବିଜେପି କାର୍ଯ୍ୟକର୍ତାମାନେ ଯୋଗ ଦିବସ ପାଳନ କରିଛନ୍ତି ।

# ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ଅଂଶୁଘାତରେ ବସ୍‌ଯାତ୍ରୀଙ୍କ ମୃତ୍ୟୁ

ଜଳେଶ୍ୱର, ୨୧/୦୬ (ନି.ପ୍ର): ଆଜି ମଙ୍ଗଳବାର ଦିନ ତମାମ ପ୍ରବଳ ଗୁଳୁଗୁଳି ଓ ରୌଦ୍ରତାପ ଲାଗି ରହିଥିବା ବେଳେ ଦିନ ୩.୩୦ମି. ସମୟରେ ଜଣେ ବସ୍‌ଯାତ୍ରୀଙ୍କ ବାଲେଶ୍ୱର ଜିଲାର ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ମୃତ୍ୟୁ ଘଟିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଆଜି ଚନ୍ଦନେଶ୍ୱରରୁ ବାଲେଶ୍ୱର ଯାଉଥିବା ଆହେସାନ ନାମକ ବସ୍ ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ପହଞ୍ଚିବାପରେ କମର୍ଦ୍ଦା ଥାନା ଅନ୍ତର୍ଗତ ମହାଗବ ଗ୍ରାମର ତଇମୁଲ ଖାଁ (୭୬) ନାମକ ବ୍ୟକ୍ତି ବସ୍‌ମଧ୍ୟରେ ଛଟପଟ ହେଉଥିବାର ଦେଖିବାକୁ ମିଳିଥିଲା । ତାଙ୍କ ଦେହରେ ପ୍ରବଳ ଉତ୍ତାପ ଥିବା ବେଳେ ବସ୍‌ରେ ଭିଡ ଥିବାରୁ ଯାତ୍ରୀ ବ୍ୟସ୍ତ ହୋଇ ପଡିଥିଲେ । ତାଙ୍କୁ ପିଇବାକୁ ପାଣି ଦିଆଯାଇଥିଲେ ମଧ୍ୟ କିଛିସମୟ ପରେ ସେ ନିସ୍ତବ୍ଧ ହୋଇ ଯାଇଥିଲେ । ସଂଗେ ସଂଗେ ୧୦୮କୁ ଖବର ଦେବାରୁ ସେ ଘଟଣାସ୍ଥଳରେ ପହଞ୍ଚିବା ସହିତ ମୃତ୍ୟୁବରଣ କରିଥିବା ସୂଚନା ଦେଇଥିଲେ । ପରେ ତାଙ୍କ ଗାଁକୁ ଖବର ଯିବାପରେ ପରିବାର ଲୋକେ ତାଙ୍କୁ ଅନ୍ୟଏକ ପ୍ରାଇଭେଟ ଆମ୍ବୁଲାନ୍ସରେ ଘରକୁ ନେଇଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ସେ ନିଜ ଚଷମା କିଣିବାପାଇଁ ଜଳେଶ୍ୱରକୁ ଆସିଥିବା ପରିବାର ପକ୍ଷରୁ ପ୍ରକାଶ ।

# କଇନଗରୀରେ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ



ଲଙ୍ଗଳେଶ୍ୱର, ୨୧/୦୬ (ନି.ପ୍ର): ସ୍ୱାସ୍ଥ୍ୟ ହିଁ ସମ୍ପଦ । ନୟମିତ ଯୋଗାଭାସ୍ୟ କଲେ ସ୍ୱାସ୍ଥ୍ୟ ଠିକ ରହିବା ସହ ମଣିଷ ନିରୋଗ ରହିଥାଏ । ଯୋଗ କରିବା ଦ୍ୱାରା ଶରୀରର ଅଭ୍ୟନ୍ତରିଣ ତଥା ସ୍ନାୟୁବିକ ବିକାଶ ଘଟିବା ସଂଗେ ସଂଗେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ି ଥାଏ । ବହୁ ପ୍ରାଚୀନ କାଳରୁ ଏହି ଯୋଗାଭ୍ୟାସ ରହି ଆସୁଥିବା ବେଳେ ଏହା ଲୋକାଭିମୁଖୀ ହୋଇ ପାରୁନଥିଲା, ୨୦୧୪ ରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମଦୋର ଦାସ ମୋଦି ଙ୍କ ନେତୃତ୍ୱରେ ଏହାକୁ ଦେଶ ବ୍ୟାପି ପାଳନ କରାଯାଇଥିଲା । ପ୍ରଧାନ ମନ୍ତ୍ରୀ ମୋଦି ଏହି କାର୍ଯ୍ୟକ୍ରମକୁ ଜାତିସଙ୍ଘ ରେ ଉପସ୍ଥାପନ କରି ବିଶ୍ୱସ୍ତରୀୟ ପ୍ରଚାର ଏବଂ ପ୍ରସାର କରାଇଥିଲେ । ଯାହା ଫଳରେ ସାରା ବିଶ୍ୱ ଆଜି ଏହି କାର୍ଯ୍ୟକ୍ରମ କୁ ଆଦରି ନେଉଛି ।ପ୍ରତିବର୍ଷ ଜୁନ ୨୧ ତାରିଖକୁ ଏହାକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରାଯାଏ । ଏହି ଅବସର ରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ କଇନଗରୀ ଗ୍ରାମ ପଂଚାୟତର ସରପଞ୍ଚ ରାଧାବଲ୍ଲଭ ମଣ୍ଡଳଙ୍କ ନେତୃତ୍ୱରେ କଇ ନଗରୀ ବାତ୍ୟା ଆଶ୍ରୟ ସ୍ଥଳୀ ରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା , ଏହି ଯୋଗ ଶିବିର ରେ ପଞ୍ଚାୟତ ରେ ବିଭିନ୍ନ ବିଦ୍ୟାଳୟର ପାଞ୍ଚ ଶହ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେବା ସଂଗେ ସଂଗେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶହେରୁ ଉର୍ଦ୍ଧ ଅଂଚଳ ବାସି ଏହି କର୍ମ ଶାଳାରେ ଯୋଗ ଦାନ କରି ଯୋଗ ଶିକ୍ଷା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ସୁବଳ ଚରଣ ମୈକାପ ଯୋଗ ଦେଇ ଯୋଗାଭ୍ୟାସ କରିବା ର ଉପକାରିତା ସମ୍ପର୍କ ରେ ବର୍ଣନା କରିଥିଲେ । ବିଶିଷ୍ଟ ଯୋଗ ଗୁରୁ ଶମ୍ଭୁନାଥ ଗିରି ଯୋଗ ମାଧ୍ୟମରେ କିଭଳି ଶରୀର କୁ ସୁସ୍ଥ ରଖା ଯାଇ ପାରିବ ଏନେଇ ଶିକ୍ଷା ପ୍ରଦାନ କରିଥିଲେ । ପରିଶେଷରେ ପଂଚାୟତର ସରପଞ୍ଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ପରିସମାପ୍ତି କରିଥିଲେ ।

# ଉଦଳାରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ



ଉଦଳା, ୨୧/୦୬ (ନି.ପ୍ର): ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ଯୋଗ ପ୍ରୋଟୋକଲ ଆଧାରରେ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଏବଂ ଏହାର ଆଧାତ୍ମିକ ଲାଭ ତଥା ଶାରିରୀକ ଉପଯୋଗିତା ସମ୍ବନ୍ଧରେ ଆଲୋଚନା ଚକ୍ରର ପର୍ବ ଆଜି ଜୁନ ୨୧ ତାରିଖ ମଙ୍ଗଳବାର ଦିନ ଉଦଳା ହାଇସ୍କୁଲ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପତଞ୍ଜଳୀ ଯୋଗ ସମିତି ଓ ଭାରତ ସ୍ୱାଭିମାନ ମୟୂରଭଞ୍ଜ ଜିଲ୍ଲା ଶାଖା ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଉଦଳାର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆଜକୁ ୮ ବର୍ଷ ପୁର୍ବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ମିଳିତ ଜାତି ସଂଘରେ କିପରି ଯୋଗକୁ ବିଶ୍ୱବ୍ୟାପି ପାଳନ କରିବା ପାଇଁ ଅନୁମୋଦନ ଲାଭ କରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରଶିକ୍ଷକ ଭାବରେ ଭାରତ ସ୍ୱାଭିମାନର ବ୍ରହ୍ମାନନ୍ଦ ନାୟକ, ମହିଳା ପତଞ୍ଜଳି ଯୋଗ ସମିତିର ଅନିତା ବିଶ୍ୱାଳ, ପତଞ୍ଜଳୀ ଯୋଗ ସମିତିର ଜୟଗୋପାଲ ରାୟ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ଦମୟନ୍ତୀ ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବ୍ରଜ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଥାନା ହାଜତରୁ ବ୍ରାଉନ୍‌ସୁଗର ବେପାରୀ ଚମ୍ପଟ ମାରିବା ଘଟଣା : ୩ ପୁଲିସ୍ କର୍ମଚାରୀ ନିଲମ୍ବିତ

ଜଳେଶ୍ୱର, ୨୧/୬ (ନି.ପ୍ର): ଗତ ୧୮ ତରିଖ ସଂଧ୍ୟାରେ ଜଳେଶ୍ୱର ପୁଲିସ୍ ସାହୁଛକ ନିକଟରୁ ଜଣେ କୁଖ୍ୟାତ ବ୍ରାଉନ୍‌ଥସୁଗର ବ୍ୟବସାୟୀ ମୁକ୍ତାର ଖାଁକୁ ଗିରଫ କରିବା ସହିତ ତା ନିକଟରୁ ୧୦୦ ଗ୍ରାମର ବ୍ରାଉନ୍‌ସୁଗର ଜବତ୍ ହୋଇଥିବା କୁହାଯାଇଥିଲା । କିନ୍ତୁ ୧୯ ତାରିଖ ରେ ତାକୁ କୋର୍ଟ ଚାଲାଣ କରାଯାଇନଥିବା ବେଳେ ମଧ୍ୟ ରାତ୍ରରେ ସେ ଥାନାରୁ ଚମ୍ପଟ ମାରିଥିଲା । ଏ ସମ୍ପର୍କରେ ଗଣ ମାଧ୍ୟମରେ ପ୍ରକାଶପାଇବାପରେ ବାଲେଶ୍ୱର ସ୍ଥିତ ପୂର୍ବାଞ୍ଚଳ ଆଇ.ଜିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପୁଲିସ୍ ସୁପରିଟେଣ୍ଡେଣ୍ଟଅମରେଶ ପାଣିଗ୍ରାହୀ ଘଟଣାର ତଦନ୍ତ ସାରି ଗତ ସୋମବାର ଫେରିଥିଲେ । ତାଙ୍କ ତଦନ୍ତ ଅନୁଯାୟୀ ଜଳେଶ୍ୱରର କାର୍ଯ୍ୟରତ ସବ୍‌ଇନିସ୍‌ପେକ୍ଟର ପ୍ରିୟଦର୍ଶନୀ ଖଟୁଆ ଓ କନେଷ୍ଟବଳ ସେକ୍ ମଇରୁଦ୍ଦିନ ଓ ରବିନ୍ଦ୍ର ହାଁସଦା ନିଲମ୍ବିତ ହୋଇଥିବା ଜଣାଯାଇଛି । କିନ୍ତୁ କେଉଁ ପରିସ୍ଥିତିରେ ଓ କିପରିଭାବେ ଥାନାରୁ ଜଣେ ବ୍ରାଉନ୍‌ସୁଗରୁ ବ୍ୟବସାୟୀ ମଧ୍ୟରାତ୍ରୀରେ ଚମ୍ପଟ ମାରିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟନ୍ୱିତ କରିଛି । କେତେକେ ତାକୁ ଖସାଇ ଦିଆଯାଇଥିବା ସଂପର୍କରେ ଆଲୋଚନା କରୁଥିବା ବେଳେ ଅନ୍ୟ କେତେକ ପୁଲିସ୍‌ର ଉଦାସୀନତାକୁ ଦାୟୀ କରିଛନ୍ତି ।

# ଚୋରା କାଠ ବୋଝେଇ ପିକଅପ ଜବତ



ନୀଳଗିରି,୨୧/୦୬ (ନି.ପ୍ର): ନୀଳଗିରି ବନବିଭାଗ ପକ୍ଷରୁ ଏକ ଚୋରା କାଠ ବୋଝେଇ ପିକଅପ ଜବତ କରାଯାଇଛି । ବାଲେଶ୍ୱର ଜିଲ୍ଲା ଡି.ଏଫ.ଓ. ଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଙ୍କ ତତ୍ୱାବଧାନରେ ଏକ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ଖନ୍ତାପଡ଼ା ଛକ ଠାରେ ଚୋରା କାଠ ବୋଝେଇ ପିକଅପ ଓଆର-୦୧-ୟୁ-୪୯୭୯ ଗାଡ଼ିଟିକୁ ଜବତ କରିବା ସହ ଉକ୍ତ ଗାଡ଼ିର ଡ୍ରାଇଭର ଗଙ୍ଗାଧର ରାଉତକୁ ଅଟକ ରଖିଥିଲେ । ଏହି ଗାଡ଼ିଟି ନରସିଂହପୁର ରାସ୍ତା ଦେଇ ଖନ୍ତାପଡ଼ା ଅଭିମୁଖେ ଯାଉଥିଲେ । ଗାଡ଼ିରେ ଅର୍ଜୁନ ଗଣ୍ଡି କାଠ ୫୭ ସିଫ୍ଟର ଲୋଡ଼ିଂ ରହିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହି ଚଢ଼ାଉରେ ନୀଳଗିରି ବନବିଭାଗର ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜ ବାହିନୀ ସାମିଲ ଥିଲେ ।

# ଆଦିବାସୀ ନୃତ୍ୟରେ କମ୍ପିଲା ଶରଧାବାଲି

ପୁରୀ,୨୧/୦୬ (ନି.ପ୍ର): ଆଦିବାସୀଙ୍କ ପ୍ରିୟ ଠାକୁର ଶ୍ରୀଜଗନ୍ନାଥ । ବିଶ୍ୱାବସୁଙ୍କ ଆରାଧ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ । ସେହି କ୍ଷେତ୍ର ଶ୍ରୀକ୍ଷେତ୍ରରେ ୨୦ତମ ଜାତୀୟସ୍ତରୀୟ ଆଦିବାସୀ ମେଳା ଓ ୧୩ତମ କୃଷିମେଳା ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ କେନ୍ଦ୍ର ଆଦିବାସୀ ଓ ଜଳଶକ୍ତି ବିଭାଗ ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ । ଉଦଘାଟନ ସମାରୋହରେ ରାଜ୍ୟ କୃଷି ଓ ପଶୁ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦର ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳ ସମର୍ଥ ବର୍ମା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବିଜୁ ଯୁବଜନତାଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଂଟିଆ ଓ ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକକଳାର ପରମ୍ପରା, ଆଦିବାସୀ ନୃତ୍ୟର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଭାରତବର୍ଷର ୨୨ଟି ରାଜ୍ୟର ୫୫୦ କଳାକାର ୫ଦିନ ମଧ୍ୟରେ ଯୋଗଦେବେ । ଏହିମେଳା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ମେଳାରେ ଆଦିବାସୀଙ୍କ ପ୍ରସ୍ତୁତ ସାମଗ୍ରୀ, କୃଷି ସାମଗ୍ରୀ ଆଦି ବିଭିନ୍ନ ଦ୍ରବ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇଛି । ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୨୦ତମ ଲୋକମେଳା ଓ ୧୩ତମ କୃଷିମେଳା ଅନୁଷ୍ଠିତ ହେଉଛି । ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରୁଛନ୍ତି । ପ୍ରଭୁ ବଳଭଦ୍ରଙ୍କ ଆୟୁଧ ହଳମୂଷଳ କୃଷକର ପ୍ରତୀକ । କୃଷିମେଳାରେ କୃଷିଜାତ ଦ୍ରବ୍ୟର ପସରା ଦେଖିବାକୁ ମିଳିଛି । ପ୍ରଥମ ଦିନରେ ହରିଆଣାର ବମ୍ବ ଲୋହରୀ ନୃତ୍ୟ, ଓଡ଼ିଶାର ସମ୍ବଲପୁରୀ, ଆସାମର ବିହୁ, ମହାରାଷ୍ଟ୍ରର ଲଓ୍ୱଣି, ମଧ୍ୟପ୍ରଦେଶର ସୈଇଲା , ଅରୁଣାଚଳ ପ୍ରଦେଶର ବିଖମପାଦା, ଛତିଶଗଡ଼ର କର୍ମା, ଆନ୍ଧ୍ରପ୍ରଦେଶର ତାପ୍ପିଟେ ନୃତ୍ୟକୁ ଦର୍ଶକମାନେ ବେଶ ଉତ୍ସାହର ସହ ଉପଭୋଗ କରିଥିଲେ । ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସଂପାଦକ ରାଜେଶ ମହାନ୍ତି, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, କୋଷାଧକ୍ଷ ନାରାୟଣ ପାତ୍ର, ନିର୍ଦ୍ଦେଶକ ଗୌରୀବସୁ, ଉତ୍ସବ କମିଟି ଚେୟାରମ୍ୟାନ ବଦ୍ରି ମିଶ୍ର, ଉପଦେଷ୍ଟା ଡ଼ଃ ଭଗବାନ ଜୟସିଂହ, ମାନସ ରଞ୍ଜନ ମହାପାତ୍ର, ସାଂସ୍କୃତିକ ସଂପାଦକ ଶ୍ୟାମପ୍ରକାଶ ସେନାପତି, ଉପାଧକ୍ଷ ବିଶ୍ୱନାଥ ମିଶ୍ର, ମିଡ଼ିଆ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାଥୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରକାଶ ପାଇବ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଓଡ଼ିଆ ଲେଖକ ପରିଚୟ' ଗ୍ରନ୍ଥର ପରିବର୍ଦ୍ଧିତ ସଂସ୍କରଣ

ବାଲେଶ୍ୱର, ୨୧/୦୬ (ନି.ପ୍ର): ଓଡ଼ିଆ ଲେଖକମାନଙ୍କର ପରିଚୟ ଲିପି ଥାଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ "ଓଡ଼ିଆ ଲେଖକ ପରିଚୟ" ପୁସ୍ତକ ସଂପ୍ରତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି । ରାଜ୍ୟ ଓ ରାଜ୍ୟ ବାହାରେ ରହି ଲେଖାଲେଖି କରୁଥିବା ଓଡ଼ିଆ ଲେଖକମାନଙ୍କର ବିବରଣୀକୁ ସଂଗ୍ରହ କରାଯାଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ପୁସ୍ତକ ଖୁବ୍‌ଶୀଘ୍ର ପ୍ରକାଶ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ପ୍ରଥମେ ୧୯୮୧ ମସିହାରେ ଡ. କୃଷ୍ଣ ଚରଣ ସାହୁଙ୍କ ଉଦ୍ୟମରେ 'ଓଡ଼ିଆ ଲେଖକ ପରିଚୟ' (୧୪୫୦-୧୮୫୦) ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଯାହା ପ୍ରସ୍ତୁତ କରିବା ଥିଲା ଏକ ଦୁରୂହ ବ୍ୟାପାର । ଏହାପରେ ୧୮୫୦ ମସିହା ପରବର୍ତ୍ତୀ ଆଧୁନିକ ଭାଗ ନାମରେ ୨୦୦୪ ମସିହାକୁ ଦ୍ୱିତୀୟ ପ୍ରସ୍ଥ ରୂପେ ଯେଉଁ ସଂକୋଳନଟି ପ୍ରକାଶ ପାଇଲା, ତହିଁରେ ୨୪୨୯ ଜଣ ଲେଖକଙ୍କ ନାମ ସ୍ଥାନିତ ହୋଇଥିଲା । ତତ୍‌ପରେ ପୁନଶ୍ଚ ୨୦୧୯ ମସିହାରେ ସେହି ଆଧୁନିକ ଭାଗର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା, ସେଥିରେ ୩୩୮୭ ଜଣ ଲେଖକଙ୍କ ନାମ ସ୍ଥାନିତ ହୋଇପାରିଥିଲା । ଚଳିତବର୍ଷ ପ୍ରସ୍ତୁତ ହେବାକୁ ଯାଉଥିବା ନୂତନ ପରିବର୍ଦ୍ଧିତ ସଂସ୍କରଣରେ ଅଧିକରୁ ଅଧିକ ଲେଖକଙ୍କ ନାମ ଯେଭଳି ସ୍ଥାନିତ ହୋଇପାରିବ ସେ ଦିଗରେ ଉଦ୍ୟମ କରାଯାଉଛି । ଏହି ଗ୍ରନ୍ଥ ପ୍ରସ୍ତୁତ ପରେ, ଲେଖକମାନଙ୍କର ଜନ୍ମବାର୍ଷିକୀ ଓ ବିବାହ ବାର୍ଷିକୀରେ ଏକାଡେମୀ ପକ୍ଷରୁ ଶୁଭେଚ୍ଛା ଅଭିନନ୍ଦନ ବାର୍ତ୍ତା ପ୍ରେରଣ ପୂର୍ବକ ତାଙ୍କୁ ଶଙ୍ଖୋଳିବା କାର୍ଯ୍ୟ ସହଜ ହୋଇପାରିବ ବୋଲି ଚିନ୍ତା କରାଯାଇଛି । ଏଥିନିମନ୍ତେ ଲେଖକମାନେ ନିଜ ନିଜର ତଥ୍ୟ, ଏକାଡେମୀର ଯେକୌଣସି ସଦସ୍ୟଙ୍କ ଜରିଆରେ ଏକାଡେମୀକୁ ପଠାଇବା ପାଇଁ କୁହାଯାଇଛି । ଏକାଡେମୀରେ ସରକାରଙ୍କ ପକ୍ଷରୁ ସଦସ୍ୟ ରହିଥିବା କବି କାଳୀପଦ ପଣ୍ଡା ନିଜ ଜିଲ୍ଲା ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଲେଖକ ଲେଖିକାମାନଙ୍କୁ ଅନୁରୋଧ ଜଣାଇଛନ୍ତି, ସମସ୍ତେ ଜୁଲାଇ ଦ୍ୱିତୀୟ ସପ୍ତାହ ମଧ୍ୟରେ ନିଜ ନିଜର ପରିଚୟ ଲିପି ନିର୍ଦ୍ଧାରିତ ପ୍ରୋଫର୍ମାରେ ପୂରଣ କରି ଏକାଡେମୀକୁ ସଦସ୍ୟଙ୍କ ଜରିଆରେ ପ୍ରେରଣ ନିମନ୍ତେ ଯତ୍ନଶୀଳ ହେବାପାଇଁ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo